# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.22 . No.210, Bhubaneswar Sunday, September 29, 2019 | ୨୨ତମ ବର୍ଷ ସଂଖ୍ୟା–୨୧୦ ଭୁବନେଶ୍ୱର ରବିବାର, ସେପ୍ଟେମ୍ବର ୨୯, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ବିଜେପୁର ଉପ ନିର୍ବାଚନ : ଦଳୀୟ ପ୍ରାର୍ଥୀ ଚୂଡ଼ାନ୍ତ ଲାଗି ଆସନ୍ତା କାଲି ବିଜେପି ସଂସଦୀୟ ବୋର୍ଡ଼ର ବୈଠକ

ଭୁବନେଶ୍ୱର, ୨୮।୯(ପି.ଏନ): ବିଜେପୁର ଉପ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଦଳୀୟ ପ୍ରାର୍ଥୀ ଚୂଡ଼ାନ୍ତ ଲାଗି ଆସନ୍ତା କାଲି ନୂଆଦିଲ୍ଲୀ ଠାରେ ବସିବ ସଂସଦୀୟ ବୋର୍ଡ଼ର ବୈଠକ । ସେଥିରେ ଦଳୀୟ ପ୍ରାର୍ଥୀ କିଏ ହେବ ତାହା ଚୂଡ଼ାନ୍ତ କରାଯିବ ବୋଲି ବିଜେପି ରାଜ୍ୟ ଶାଖା ଉପ ସଭାପତି ଶ୍ରୀ ସମୀର ମହାନ୍ତି ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ, ଆସନ୍ତା କାଲି ରାତି ସୁଦ୍ଧା ବିଧିବଦ୍ଧ ଭାବେ ଦଳୀୟ ପ୍ରାର୍ଥୀ ଘୋଷଣା କରାଯିବ । ତେବେ ଦଳୀୟ ପ୍ରାର୍ଥୀ ହେବା ପାଇଁ ସନାତନ ଗଡ଼ତିଆ ଏବଂ ପ୍ରଦୀପ ପୁରୋହିତଙ୍କ ନାମ ଚର୍ଚ୍ଚାକୁ ଆସିଥିବା ଦଳୀୟ ସୂତ୍ରରୁ ଜଣାପଡିଛି । ଉଲ୍ଲେଖଯୋଗ୍ୟ ଯେ, ଆଜି ମୁଖ୍ୟମନ୍ତ୍ରୀ ବିଜେଡ଼ି ଦଳ ପାଇଁ ସ୍ୱର୍ଗତ ସୁବଳ ସାହୁଙ୍କ ପତ୍ନୀ ରୀତା ସାହୁଙ୍କୁ ପ୍ରାର୍ଥୀ ଘୋଷଣା କରିଥିବା ବେଳେ ଏଥି ପୂର୍ବରୁ କଂଗ୍ରେସର ପ୍ରାର୍ଥୀ ଭାବେ ଦିଲ୍ଲୀପ ପଣ୍ଡାଙ୍କ ନାମ ଘୋଷଣା କରାଯାଇଛି ।



ଭୁବନେଶ୍ୱର ବିମାନ ବନ୍ଦରଠାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ରାଜ୍ୟପାଳ ଗଣେଶିଲାଲ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଦାୟ ସମ୍ବର୍ଦ୍ଧନା

## ନର୍ସିଂ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ ଭିଡ଼ିଓ ଭାଇରାଲ୍ ମାମଲା : ମୁଖ୍ୟ ଖଳନାୟକ ଲଳିତେନ୍ଦ୍ର ଗିରଫ

ଭବାନୀପାଟଣା, ୨୮।୯(ପି.ଏନ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଥାନା ଅଂଚଳର ଜନୈକା ନର୍ସିଂ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଓ ଭିଡ଼ିଓ ଭାଇରାଲ୍ ମାମଲାର ମୁଖ୍ୟ ଖଳନାୟକ ଲଳିତେନ୍ଦ୍ର ଶବରକୁ ପୋଲିସ ଗିରଫ କରିଛି । ଗିରଫ ପରେ ତାକୁ ସ୍ଥାନୀୟ ଜେଏମଏଫସି କୋର୍ଟକୁ ହାଜର ପାଇଁ ନିଆଯାଇଥିଲା । କିନ୍ତୁ, ଆଜି ମହାଳୟା ପାଇଁ କୋର୍ଟ ଛୁଟି ଥିବାରୁ ଅଭିଯୁକ୍ତକୁ ମାଜିଷ୍ଟ୍ରେଟଙ୍କ ଘରେ ହାଜର କରାଯାଇଥିଲା । ସିଆରପିସିର ଦଫା ୧୬୧ ରେ ପୀଡ଼ିତାଙ୍କ ସାନି ବୟାନ ଆଧାରରେ ଅଭିଯୁକ୍ତକୁ ଗିରଫ କରିଛି ପୋଲିସ । ପୀଡ଼ିତାଙ୍କ ପ୍ରଥମ ବୟାନ ଆଧାରରେ ପୋଲିସ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଏବଂ ମାମଲାରେ ଜଡ଼ିତ ଥିବା ଅନ୍ୟ ଜଣେ ନାବାଳକକୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡ଼ରେ ହାଜର କରାଯାଇଥିଲା । କିନ୍ତୁ, ପରବର୍ତି ସମୟରେ ଗତକାଲି ଗଣମାଧ୍ୟମ ସାମ୍ନାରେ ପୀଡ଼ିତାଙ୍କ ଚାଂଚଲ୍ୟକର ବୟାନ୍ ସାମ୍ନାକୁ ଆସିଥିଲା । ପୋଲିସ ରାଜସାକ୍ଷୀ କରିଥିବା ଲଳିତେନ୍ଦ୍ର ହିଁ ଘଟଣାର ମୁଖ୍ୟ ଖଳନାୟକ ବୋଲି ପୀଡ଼ିତା ଦର୍ଶାଇ ଥିଲେ । ଗତ ଶୁକ୍ରବାର ପୀଡ଼ିତା ଗଣମାଧ୍ୟମ ସାମ୍ନାରେ ନିଜର କ୍ଷୋଭ ପ୍ରକାଶ କରି କହିଥିଲେ ଯେ, ଗତ ୧୪ ତାରିଖ ଦିନ ମୁଁ ଭବାନୀପାଟଣାର ଏକ କ୍ଲିନିକ୍ କୁ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ଯାଇଥିଲି । ସେଠାରୁ ଫେରୁଥିବା ବେଳେ ବସଷ୍ଟାଣ୍ଡରେ ମୋର ସୁଭଦ୍ରା ବସ୍ ର ଡ୍ରାଇଭର ଲଳିତେନ୍ଦ୍ର ଶବର ସହିତ ଭେଟ ହୋଇଥିଲା । ସେଠାରୁ ସେ ମୋତେ ବାଇକ୍ ରେ ଲିଫ୍ଟ ଦେଇଥିଲା । ତା' ସହିତ ସହିତ ଆସିବା ବେଳେ ବନମାଳିପୁର ନିକଟରେ ସେ ବାଇକ୍ ରଖି ଦେଇଥିଲା । ସେଠାରୁ ୬ ଜଣ ଯୁବକ ଆସି ମୋତେ ଜୋରଜବରଦସ୍ତ ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇଥିଲେ । ଅଭିଯୁକ୍ତ ମାନେ ଛୁରୀ ଦେଖାଇ ବଳ ପୂର୍ବକ ଦୁଷ୍କର୍ମ କରିଥିଲେ । ଲଳିତେନ୍ଦ୍ର ପ୍ରଥମେ ଦୁଷ୍କର୍ମ କରିଥିଲା । ତା' ପରେ ଅନ୍ୟ ମାନେ ମୋ ସହିତ ଦୁଷ୍କର୍ମ କରିଥିଲେ । ମାମଲାରେ ଜଡ଼ିତ ଥିବା ସମସ୍ତ ଅଭିଯୁକ୍ତଙ୍କୁ ଫାଶି ଦଣ୍ଡାଦେଶ ପାଇଁ ସେ ଦାବି କରିଥିଲେ । ଏଥିସହ ଲଳିତେନ୍ଦ୍ର ଶବର ହିଁ ଘଟଣାର ମୁଖ୍ୟ ଖଳନାୟକ । ଯଦି ପୋଲିସ ତାକୁ ଛାଡିଦେବାକୁ ଉଦ୍ୟମ କରେ କିମ୍ବା ପ୍ରଶାସନ ପକ୍ଷରୁ ତା' ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ, ମୁଁ ଆତ୍ମହତ୍ୟା କରିବି ବୋଲି ପୀଡ଼ିତା ଅତ୍ୟନ୍ତ କ୍ଷୋଭର ସହ କହିଥିଲେ । ମୁଁ ଜଣେ ଗରିବ ଘରର ଝିଅ । ମୋତେ ନ୍ୟାୟ ମିଳୁ ବୋଲି ସେ ଦାବି କରିଥିଲେ ।

## ହୀରାକୁଦ ଜଳ ଭଣ୍ଡାରରେ ୧୪ ଗେଟ୍ ଖୋଲା

ଭୁବନେଶ୍ୱର, ୨୮।୯(ପି.ଏନ): ଲଘୁଚାପ ଜନିତ ବର୍ଷା ଯୋଗୁଁ ବାଲେଶ୍ୱର ଜିଲ୍ଲାର ଜଳକା ନଦୀର ଜଳପତନ ମଥାନିଠାରେ ଜଳସ୍ତର ସ୍ଥିର ରହିଥିଲେ ହେଁ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି । ମଥାନିର ବିପଦ ସଂକେତ ୫.୫୦ ମିଟର ରହିଥିଲା ବେଳେ ସଂଧ୍ୟା ୬ଟା ସୁଦ୍ଧା ୬.୨୬ ମିଟରରେ ଜଳସ୍ତର ପ୍ରବାହିତ ହେଉଛି । ସେହିପରି ମହାନଦୀ ନରାଜ ଠାରେ, ଇବ୍ ନଦୀ ସୁନ୍ଦରଗଡ଼ଠାରେ, ବ୍ରାହ୍ମଣୀ ନଦୀ ପାନପୋଷଠାରେ, ବଢ଼ାବଳଙ୍ଗ ନଦୀ ଜାତୀୟ ରାଜପଥ ୫ ରେ ୬ଟା ସମୟରେ ବୃଦ୍ଧି ପାଇବାରେ ଲାଗିଛି । କୁଶଭଦ୍ରା ନିମାପଡ଼ା, ବ୍ରାହ୍ମଣୀ ଜେନାପୁର, ବୈତରଣୀ ଆନନ୍ଦପୁର, ଆଖୁଆପଦା, ବୁଢ଼ାବଳଙ୍ଗ ଜାମଶୋଳାଘାଟ, ବଂଶଧାରା ଗୁଣୁପୁର ଠାରେ ଜଳପତନ ସ୍ଥିର ରହିଛି । ଦେବୀ ନଦୀ ଆଳି ପିଙ୍ଗଳ, ବଂଶଧାରା କାଶୀନଗର, ଋଷିକୂଲ୍ୟା ପୁରୁଷୋତମପୁରଠାରେ ବିପଦ ସଂକେତ ତଳେ ପ୍ରବାହିତ ହେଉଛି ବୋଲି ଜଳ ସମ୍ପଦ ବିଭାଗ ସୂତ୍ରରୁ ଜଣାପଡ଼ିଛି । ଏହି ସୂତ୍ରରୁ ପ୍ରକାଶ ଯେ, ହୀରାକୁଦ ଜଳ ଭଣ୍ଡାରର ଜଳ ପତନ ବୃଦ୍ଧି ପାଉଥିବାରୁ ୧୪ଟି ଗେଟ୍ ଖୋଲାଯାଇଛି । ପ୍ରତି ସେକେଣ୍ଡରେ ୨ ଲକ୍ଷ ୪୫ ହଜାର ୩୧୫ ଘନ ଫୁଟ ପାଣି ପ୍ରବେଶ କରୁଥିଲା ବେଳେ ସେହି ସମୟରେ ୨ ଲକ୍ଷ ୪୫ ହଜାର ୩୧୫ ଘନଫୁଟ ପାଣି ନିଷ୍କାସିତ ହେଉଛି । ଏହା ବ୍ୟତୀତ ମହାନଦୀର ତଳମୁଣ୍ଡ ଖଇରାମାଳଠାରେ ପ୍ରତି ସେକେଣ୍ଡରେ ୨ ଲକ୍ଷ ୫୫ ହଜାର ଘନଫୁଟ ପାଣି ପ୍ରବାହିତ ହେଉଥିଲା ବେଳେ ବରମୂଳରେ ୨ ଲକ୍ଷ ୧ ହଜାର ୩୭୫ ଘନଫୁଟ ଏବଂ ମୁଣ୍ଡୁଳିଠାରେ ୧ ଲକ୍ଷ ୨୧ ହଜାର ୫୩୪ ଘନଫୁଟ ପାଣି ପ୍ରବାହିତ ହେଉଛି ।

## ବିଜେପୁର ଉପ ନିର୍ବାଚନ ପାଇଁ ରୀତା ସାହୁ ହେବେ ବିଜେଡି ପ୍ରାର୍ଥୀ - ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୨୮।୯(ପି.ଏନ): ବିଜେପୁର ଉପ ନିର୍ବାଚନ ପାଇଁ ରୀତା ସାହୁ ବିଜେଡି ପକ୍ଷରୁ ପ୍ରାର୍ଥୀ ହେବେ । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘୋଷଣା କରିଛନ୍ତି । ବିଜେପୁରର ବିକାଶ ପାଇଁ ବିଜେଡି ସରକାର କାମ କରୁଛି ଓ ଏହାକୁ ଫୋକସ ଏରିଆ କରା ଯିବ ବୋଲି ସେ ସାମ୍ବାଦିକ ମାନଙ୍କୁ କହିଛନ୍ତି । ଉଲ୍ଲେଖନୀୟ ଯେ ନବୀନ ପଟ୍ଟନାୟକ ୨୦୧୯ ସାଧାରଣ ନିର୍ବାଚନରେ ହିଂଜିଳି ଓ ବିଜେପୁରରୁ ବିଜୟୀ ହେବା ପରେ ବିଜେପୁର ବିଧାନସଭା ଆସନରୁ ଇସ୍ତଫା ଦେଇଥିଲେ । ତେଣୁ ଏହି ସିଟରେ ଉପ ନିର୍ବାଚନ ହେଉଛି । ଏହା ପୂର୍ବରୁ ପୂର୍ବତନ ବିଧାୟକ ସୁବଳ ସାହୁଙ୍କ ମୃତ୍ୟୁ ପରେ ରୀତା ସାହୁ ବିଜେଡିରେ ଯୋଗ ଦେଇଥିଲେ । ସେତେବେଳେ ହୋଇଥିବା ଉପ ନିର୍ବାଚନରେ ସେ ବିଜେଡିର ପ୍ରାର୍ଥୀ ହୋଇ ବିପୁଳ ଭୋଟରେ ବିଜୟୀ ହୋଇଥିଲେ । କଂଗ୍ରେସ ଦଳ ଏହି ଉପ ନିର୍ବାଚନ ପାଇଁ ନିଜର ପ୍ରାର୍ଥୀ ଘୋଷଣା କରି ସାରିଛି ତଥା ଦିଲ୍ଲୀପ ପଣ୍ଡାଙ୍କୁ ପ୍ରାର୍ଥୀ କରିଛି । ବିଜେପି ପକ୍ଷରୁ ପ୍ରାର୍ଥୀ ଘୋଷଣା କରା ଯାଇ ନାହିଁ ।

## ବ୍ରହ୍ମବରଦାରେ ନକଲି ସାର ଅବାଧ ବିକ୍ରୀ

ଧର୍ମଶାଳା, ୨୮।୯(ପି.ଏନ): ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦାରେ ସରକାରୀ ସ୍ୱୀକୃତି ଅନୁମତି ନ ପାଇ ବେଆଇନ ଭାବେ ସାର ବିକ୍ରୀ କରାଯାଉଥିବା ବେଳେ ଏହି ସାର ପୁଣି ନକଲି । ଏନେଇ କୃଷି ଅଧିକାରୀଙ୍କ ନଜର ପଡୁ ନାହିଁ । ଏହି ବେପାରୀଙ୍କ ନିକଟରେ ଜିଲା ପ୍ରଶାସନ ହାତ ଟେକି ଦେଇଥିବା ଅଭିଯୋଗ ହୋଇଛି । ଚଳିତ ବର୍ଷ ଚାଷକୁ ଦୃଷ୍ଟିରେ ରଖବ କିଛି ଅସାଧୁ ବେପାରୀ ସାରର କଳାବଜାର କରୁଛନ୍ତି । ଏବଂ ଚାଷୀଙ୍କୁ ପରଖି ବେପାରୀମାନେ ସେମାନଙ୍କୁ ନକଲି ସର ବିକ୍ରୀ କରୁଛନ୍ତି । ଚାଷୀ ଏହି ସାରକୁ ନେଇ ଚାଷ ଜମିରେ ପ୍ରୟୋଗ କଲେ ମଧ କିଛି ସୁଫଳ ମିଳୁ ନ ଥିବା ଏହି ବ୍ରହ୍ମବରଦା ଅଂଚଳର ଅଗ୍ରଣୀ ଚାଷୀଭାଇମାନେ ପ୍ରକାଶ କରିଛନ୍ତି । ବ୍ରହ୍ମବରଦାରେ କିଛି ଅସାଧୁ ବେପାରୀ ବିନା ଲାଇସେନ୍ସରେ ଦୋକାନ କରିଥିବା ଦେଖିବାକୁ ମିଳିଛି । ଦୋକାନରେ ଅସଲି ସାର ରଖିଥିବା ବେଳେ ଦୋକାନୀମାନେ ନିଜ ଘର ଭିତରେ ନକଲି ସାରକୁ ମହଜୁଦ ରଖି ଚାଷୀମାନଙ୍କୁ ସାର ଅଭାବ ସମୟରେ ଏହାକୁ ୨ଗୁଣିତ ଟଙ୍କାରେ ବିକ୍ରି କରିଥାନ୍ତି । ଗଲା କିଛି ଦିନ ହେବ ଏହି ବ୍ରହ୍ମବରଦାରେ ଅଣୁ ସାର ନକଲି ଥିବା ଜାଣି ଚାଷୀମାନେ ବିରୋଧ କରିବା ସହିତ ସାର ଦୋକାନରେ ତାଲା ପକାଇ ଦେଇଥିଲେ । ପରେ ଏହି ବେପାରୀମାନେ ଏହାର ସୁଯୋଗ ନେଇ ଏବେ ଏହି ନକଲି ସାର ଔଷଧ ବିକ୍ରୀ କରୁଥିବା ଅଭିଯୋଗ ହୋଇଛି । ବ୍ରହ୍ମବରଦାରେ ୧୦ରୁ ଉର୍ଦ୍ଧ୍ୱ ସାର ଦୋକାନ ଥିବା ବେଳେ ସେଥିମଧ୍ୟରୁ ୩/୪ଟି ଦୋକାନକୁ ଛାଡି ଦେଲେ କାହାରି ଲାଇସେନ୍ସ ନ ଥିବା ଜଣାପଡିଛି । ଏବଂ ସରକାରୀ ନିୟମ ଅନୁଯାୟୀ ଦୋକାନୀମାନେ ବାୟୋମେଟ୍ରିକ ମାଧ୍ୟମରେ ଚାଷୀଙ୍କୁ ସାର ବିକ୍ରୀ କରିବା ପାଇଁ ନିୟମ ଧାର୍ଯ୍ୟ କରିଥିବା ବେଳେ ଏହି ବ୍ରହ୍ମବରଦାରେ ଏହି ନିୟମ ସବୁ ଫେଲ୍ ମାରିଛି । ଗ୍ରୋମର ୨୮/୨୮ ସାରର ମୂଲ୍ୟ ବଜାରରେ ୧୪୫୦ଟଙ୍କା ବସ୍ତା ପ୍ରତି ବିକ୍ରୀ ହେଉଥିବା ବେଳେ ଏହାର ନକଲି କରାଯାଇ ୧୨୫୦ ଟଙ୍କା ବସ୍ତା ପ୍ରତି ବିକ୍ରୀ କରାଯାଉଛି । ସରକାରୀ ଧାର୍ଯ୍ୟମୂଲ୍ୟ ୧୩୫୦ଟଙ୍କା ହୋଇଥିବା ବେଳେ ଏହାକୁ କିପରି ଭାବେ କମ୍ ଟଙ୍କା ବିକ୍ରୀ କରାଯାଉଛି ତାହା ଚାଷୀଙ୍କୁ ସନ୍ଦେହ ଘେରକୁ ନେଇ ଆସୁଛି ।

## ବିଭିନ୍ନ ମେଡିକାଲ ଓ ଆରଟିଓ ଅଫିସରେ ଚଢ଼ଉ : ତୃତୀୟ ଦିନରେ ୩୧ ଦଲାଲ୍ ଗିରଫ

ଭୁବନେଶ୍ୱର, ୨୮।୯(ପି.ଏନ): ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମେଡିକାଲ ଓ ଆରଟିଓ ଅଫିସକୁ ଦଲାଲ୍ ମୁକ୍ତ କରିବା ନେଇ ପୋଲିସ ବିଭାଗର ଅଭିଯାନର ଆଜି ତୃତୀୟ ଦିନରେ ରାଜ୍ୟର ବିଭିନ୍ନ ଡାକ୍ତରଖାନା ଓ ଆରଟିଓ ଅଫିସ୍ ରୁ ମୋଟ୍ ୩୧ ଜଣ ଦଲାଲ୍ ଙ୍କୁ ଗିରଫ କରାଯାଇଛି । ତନ୍ମଧ୍ୟରୁ ଡାକ୍ତରଖାନାରୁ ୯ ଜଣ ଏବଂ ଆରଟିଓ ଅଫିସ୍ ରୁ ୨୨ ଜଣ ଦଲାଲ୍ ଙ୍କୁ ଗିରଫ କରାଯାଇଥିବା ନେଇ ପୋଲିସ ଡ଼ିଜି ବି.କେ. ଶର୍ମା ସୂଚନା ଦେଇଛନ୍ତି । ଗତକାଲି ଦ୍ୱିତୀୟ ଦିନରେ ରାଜ୍ୟର ବିଭିନ୍ନ ମେଡିକାଲ ଓ ଆରଟିଓ ଅଫିସରେ ଚଢ଼ଉ କରାଯାଇ ୭୫ ଜଣ ଦଲାଲ୍ ଙ୍କୁ ଗିରଫ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ହସ୍ପିଟାଲରୁ ୩୧ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଆରଟିଓ ଅଫିସରୁ ୪୪ ଜଣଙ୍କୁ ଗିରଫ କରାଯାଇଥିଲା । ଗତ ଗୁରୁବାର ରାଜ୍ୟର ବିଭିନ୍ନ ମେଡିକାଲ, ଡିସପେନସାରୀରେ ଚଢ଼ଉ କରାଯାଇ ପ୍ରାୟ ୩୦ ଜଣ ଦଲାଲ୍ ଙ୍କୁ ଗିରଫ କରାଯାଇଥିଲା । ପ୍ରକାଶ ଥାଉ କି, ମେଡିକାଲ ଗୁଡିକୁ ଦଲାଲ୍ ଏବଂ ମଧ୍ୟସ୍ଥି ମାନଙ୍କ କବଳରୁ ମୁକ୍ତ କରିବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ) ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ (ଏସପି) ମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ରାଜ୍ୟ ପୋଲିସ ଡିଜିଙ୍କ ତତ୍ତ୍ୱାବଧାନରେ ଏହି ଚଢ଼ଉ ଅଭିଯାନ ଜାରୀ ରହିଛି । ଆଗାମୀ ଦିନରେ ମଧ ପୋଲିସର ଅନୁରୂପ ଅଭିଯାନ ଜାରୀ ରହିବ ବୋଲି ଜଣାପଡିଛି । କାରଣ ଡ଼ିସିପି ଓ ଏସପିଙ୍କ ତତ୍ତ୍ୱାବଧାନରେ ଦଲାଲ୍ ଙ୍କୁ ଗିରଫ କରିବା ପାଇଁ ପୋଲିସ ଅଫିସର ମାନେ ଅଭିଯାନ ଜାରୀ ରଖିବାକୁ ବିଭାଗୀୟ ନିର୍ଦ୍ଦେଶ ରହିଛି । ଏଥିସହିତ ଡିସିପି ଓ ଏସପି ମାନେ ନିୟମିତ ଭାବେ ଦଲାଲ୍ ମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତ ରିପୋର୍ଟ ଡିଜିପିଙ୍କ ନିକଟରେ ଦାଖଲ କରିବାକୁ ପରାମର୍ଶ ଦିଆଯାଇଛି ।

## କଂଗ୍ରେସ ପ୍ରାର୍ଥୀଙ୍କୁ ଜନସାଧାରଣଙ୍କ ଆର୍ଥିକ ସହାୟତା

ଭୁବନେଶ୍ୱର, ୨୮।୯(ପି.ଏନ): ବିଜେପୁର ଉପ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ଏଆଇସିସି ଆର୍ଥିକ ସହାୟତା ଦେଉନଥିବାରୁ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ ଜନସାଧାରଣଙ୍କୁ ଏଥିପାଇଁ ସହାୟତା କରିବାକୁ ଅନୁରୋଧ କରିଥିଲେ । ଏହି ଅନୁରୋଧକୁ ରକ୍ଷା କରି ଜନସାଧାରଣଙ୍କ ପକ୍ଷରୁ ପ୍ରଥମେ ୧୦ ହଜାର ଟଙ୍କା ମିଳିଥିବା ବେଳେ ପରେ ୭୫ ହଜାର ଟଙ୍କା ମିଳିବାର ଆଶା ରହିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରକାଶ କରିଥିଲେ । ରୀତା ସାହୁଙ୍କ ପ୍ରାର୍ଥିତ୍ୱ ନେଇ ପ୍ରଶ୍ନ ହେବାରେ ସେ କହିଥିଲେ ଯେ, ନବୀନ ବାବୁ ଆଉ କେତେ ଦିନ ଜନସାଧାରଣଙ୍କୁ ପ୍ରତାରିତ କରିବେ, ଲୋକେ ତାହାର ବିଚାର କରିବେ । ସବୁବେଳେ ସହାନୁଭୂତି କାର୍ଯ୍ୟ କରେ ନାହିଁ ବୋଲି ସେ କହିଥିଲେ ।

## ଦେଶରେ ପ୍ରଚଳିତ ୪୪ଟି ଶ୍ରମଆଇନକୁ ପରିବର୍ତ୍ତନ କରିବାକୁ ଶ୍ରମିକ ସଙ୍ଗଠନମାନଙ୍କ ପକ୍ଷରୁ ତୀବ୍ର ବିରୋଧ




ଭୁବନେଶ୍ୱର, ୨୮।୯(ପି.ଏନ): ସାରା ବିଶ୍ୱରେ ଓ ଆମଦେଶରେ ଭାରତରେ ମୁକ୍ତବଜାର ଅର୍ଥନିତୀ ପ୍ରଭାବରେ ଏନ. ଡି.ଏ ସରକାର ଶିଳ୍ପପତି ଓ ପୁଞ୍ଜିପତିମାନଙ୍କୁ ପୁଞ୍ଜିବିନିଯୋଗ ନାମରେ ଦେଶରେ ପ୍ରଚଳିତ ୪୪ଟି ଶ୍ରମଆଇନକୁ ପରିବର୍ତନ କରିବାକୁ ଶ୍ରମିକ ସଙ୍ଗଠନମାନେ ତୀବ୍ର ବିରୋଧ କରୁଛନ୍ତି । କେବଳ ପାର୍ଲିଆମେଂଟରେ ସଂଖ୍ୟା ବଳରେ ଶ୍ରମିକମାନଙ୍କର ବିନା ସହଯୋଗରେ ଏହି ପ୍ରସ୍ତାବିତ ଆଇନକୁ କାର୍ଯ୍ୟକାରୀ କରିବାକୁ ଉଦ୍ୟମ ହେଲେ କେନ୍ଦ୍ର ଶ୍ରମିକ ସଂଗଠନ ତରଫରୁ ଏହାକୁ ଦୃଢଭାବେ ବିରୋଧ କରାଯିବ ବୋଲି ଆଜି ଭୁବନେଶ୍ୱର ଚନ୍ଦଶେଖରପୁରଠାରେ ରାଷ୍ଟ୍ରିୟ ମଜଦୁର କଂଗ୍ରେସର ୩ ଦିନିଆ କାର୍ଯ୍ୟକାରୀ କମିଟି ବୈଠକର ଉଦଯାପନ ଦିବସରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ କମିଟି ସଭାପତି ଡକ୍ଟର ଗଂଗୋଲା ସଂଜୀବାରେଡୀ ପୂର୍ବତନ ଏମ.ପି କହିଛନ୍ତି, ଆଗାମୀ ତା୩୦/୯/୨୦୧୯ରିଖରେ ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଓ ଶିଳ୍ପ ସମୂହ କର୍ମଚାରୀ ମହାସଂଘ ମାନଙ୍କର ଏକ ମିଳିତ ବୈଠକ ଦିଲ୍ଲୀଠାରେ ଅନୁଷ୍ଠିତ ହୋଇ ସାରାଦେଶରେ ଆନ୍ଦୋଳାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ଡକ୍ଟର ଗଂଗୋଲା ସଂଜୀବାରେଡୀ ତାଙ୍କର ଉଦଯାପନୀ ଭାଷଣରେ କହିଛନ୍ତି । ରାଜନୈତିକଦଳମାନେ ମୋଦି ହୁଂକାରରେ ପଛଘୁଂଚା ଦେଇପାରନ୍ତି କିନ୍ତୁ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ମୋଦୀ ସରକାରଙ୍କ ଶ୍ରମିକ ବିରୋଧୀ ନିତି ବିରୁଦ୍ଧରେ ଲଢେଇ ଜାରିରଖିବ । ରାଷ୍ଟ୍ରିୟ ମଜଦୁର କଂଗ୍ରେସର ଉପସଭାପତି ତଥା ଅଭ୍ୟର୍ଥନା କମିଟିର ସଭାପତି ଡକ୍ଟର ରାମଚନ୍ଦ୍ର ଖୁଂଟିଆ କେନ୍ଦ୍ର ସରକାରଙ୍କର ବିମୁଦ୍ରାକରଣ ଯୋଜନା, GSTର ମାତ୍ରାଧିକ ଟ୍ୟାକ୍ସ, କୋଇଲା ଜାତୀୟକରଣରେ ୧୦୦ ପ୍ରତିଶତ FDI, NHPC, NALCO, NTPCର ପୁଞ୍ଜି ପ୍ରତ୍ୟାହାର ନିଷ୍ପତିର ତିବ୍ର ସମାଲୋଚନା କରିଥିଲେ । ଏହି ସମ୍ମିଳନୀରେ ଦେଶର ୩୦ଟି ରାଜ୍ୟ ଓ ୨୬ ଶିଳ୍ପ ସମୂହ ମହାସଂଘରୁ ୪୨୫ ଜଣ ଶ୍ରମିକ ନେତା ଯୋଗ ଦେଇଥିଲେ । ଏହି କାର୍ଯ୍ୟକାରୀ କମିଟିରେ ସରକାର ପ୍ରସ୍ତାବିତ ୪ଟି ଲେବରକୋଡ, ପୁଞ୍ଜି ପ୍ରତ୍ୟାହାର ବିରୁଦ୍ଧରେ ପ୍ରସ୍ତାବ ଗୃହିତ ହୋଇଥିଲା । ଅନ୍ୟ ପକ୍ଷରେ ପେନସନ ହାର ବୃଦ୍ଧିକରି ଦରମାର ୫୦ ପ୍ରତିଶତ ପେନସନ, ଚାକିରିକାଳ ବର୍ଷର ପ୍ରତିବର୍ଷ ପାଇଁ ୧୫ଦିନ ବଦଳର ୧ ମାସର Gratuity ଓ ପ୍ରୋଭିଡେଂଟ ଫଣ୍ଡ ପେନସନ ମାସିକ ସର୍ବନିମ୍ନ ଟ୭୫୦୦/- କରିବା ପାଇଁ ଦାବିକରି ପ୍ରସ୍ତାବ ଗୃହିତ ହୋଇଛି । ଏହି କାର୍ଯ୍ୟକାରୀ କମିଟିର ସାଧାରଣ ସଂପାଦକ ରାଜେନ୍ଦ୍ର ପ୍ରସାଦ ସିଂହ, ଆର.ଚନ୍ଦ୍ରଶେଖରନ, ଚନ୍ଦ୍ରପ୍ରକାଶ ସିଂହ, ସଂଜୟ ସିଂହ, ଗୋମନ ସିଂହ, ଜୟପ୍ରକାଶ ଛାଜଡ, ଆର.ପି.ଭଟନାଗର, ଅନୁପ ସିଂହ, ସଂଜୟ ଗାବା, ପୂର୍ବତନ ସାଂସଦ ଅଳକା କ୍ଷେତ୍ରି, କିଶୋର ପଟେଲ, କିଶୋର ଜେନା, ମଦନ ଧଳ, ସତ୍ୟବ୍ରତ ନାୟକ, ଶୋଭାଗ୍ୟ ପ୍ରଧାନ, ପ୍ରଶାନ୍ତ ବେହେରା, ଶ୍ୟାମସୁନ୍ଦର ମହାପାତ୍ର, ଧରଣୀଧର ସ୍ୱାଇଁ, ଖିରୋଦ ଓଝା, ସଂଧ୍ୟା ମହାପାତ୍ର, ପ୍ରଣତୀ ମିଶ୍ର, ନିର୍ମଳ ସାମଲ, ସତ୍ୟାନନ୍ଦ ସାହୁ, ପରେଶ ଜେନା, ପି.କେ ଦାସ, ବିଣାପାଣି ସାମଲ, ଅକ୍ଷୟ ତ୍ରିପାଠୀ, ଡି.ଏସ. ପାନିକର, କୃଷ୍ଣଚନ୍ଦ୍ର ସାହୁ , ଘନ ଶବର, କୈଳାସ ସାହୁ, ସୁକୁମାର ଦେଓ, ସିଲି ସେଠି ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

## ଡାକ୍ତରଖାନାରୁ ଧରାହେଲେ ୨ଦଲାଲ ଓ ୨ମାତାଲି ଗିରଫ

ଭଦ୍ରକ, ୨୮।୯(ପି.ଏନ): ରାଜ୍ୟ ସରକାର ଡାକ୍ତରଖାନା ମାନଙ୍କରେ ଦଲାଲଙ୍କ ପାଦୁର୍ଭାବ ବନ୍ଦ କରିବାକୁ ନିର୍ଦ୍ଦେଶ ଦେବାର ୭୨ଘଣ୍ଟା ନପୁରୁଣୁରୁ ଭଦ୍ରକ ଟାଉନ ପୁଲିସ ଜିଲ୍ଲା ଡାକ୍ତରଖାନାରେ ଅଚାନକ ଚଢ଼ାଉ କରି ୨ଜଣ ଦଲାଲଙ୍କୁ ଠାବକରିବା ସହିତ ୨ମାତାଲିକୁ ଗିରଫ କରିଛି । ଗ୍ରାମାଂଚଳରୁ ଆସୁଥିବା ରୋଗୀଙ୍କୁ ଏହି ଦଲାଲ ମାନେ ବିଭିନ୍ନ ଘରୋଇ ନର୍ସିଙ୍ଗହୋମ୍ ଓ ପଲିକ୍ଲିନିକକୁ ରୋଗୀ ପଠାଇବା ଉଦ୍ଦେଶ୍ୟରେ ବେସ ମୁଟା ଅଙ୍କର ମୁନାଫା ପାଉଥିଲେ । ଏସପିଙ୍କ ନିର୍ଦ୍ଦେଶ କ୍ରମେ ଟାଉନ ଥାନା ଅଧିକାରୀଣୀ ସଂରୋଜିନି ସିଂଙ୍କ ନେତୃତ୍ୱରେ ଏକ ଟିମ ଭଦ୍ରକ ଡାକ୍ତଖାନାରେ ଅଚାନକ ଚଢ଼ାଉକରି ଶୁଭାଶୀନୀ ସାହୁ, ସାଗର ମୁଖୀ, ଆଜାହରରୁଦ୍ଦିନ ଖାଁ, ପବନ ସାହୁଙ୍କୁ ଡାକ୍ତଖାନା ପରିବର୍ତୀ ଘରୋଇ କ୍ଲିନିକରେ ଚିକିତ୍ସା ହେବାପାଇଁ ପ୍ରବତାଉ ଥିବା ସମୟରେ ଗିରଫ କରିଛି । ତେବେ ପ୍ରକାଶ ଥାଉକି ଭଦ୍ରକ ଡାକ୍ତର ଖାନାରେ ଏହିଭଳି ଅନେକ ଘରୋଇ ନର୍ସିଙ୍ଗହୋମ, କ୍ଲିନିକ, ପାଥୋଲୋଜି ମାନଙ୍କର ବହୁ ସଂଖ୍ୟକ ଦଲାଲ ଡାକ୍ତରଖାନାରେ ଭଲଚିକିତ୍ସା ମିଳୁନଥିବା କହି ଶହ ଶହ ରୋଗୀଙ୍କୁ ଘରୋଇ ଚିକିତ୍ସା କରିବା ପାଇଁ ପ୍ରବତାଉଥିଲେ । କେବଳ ଏହି ୪ନୁହନ୍ତି ଆହୁରି ଅନେକ ଦଲାଲ ପ୍ରତିଦିନ ଏହି କାର୍ଯ୍ୟରେ ନିୟୋଜିତ ହେଉଥିବା ଅଭିଯୋଗ ହେଉଛି । ଆଶ୍ଚର୍ଯ୍ୟର କଥା ସରକାର ଦଲାଲଙ୍କ କବଳରୁ ଡାକ୍ତଖାନାକୁ ମୁକ୍ତ କରିବେ ବୋଲି ଘୋଷଣା ନିହାତି ସ୍ୱାଗତ ଯୋଗ୍ୟ ପଦକ୍ଷେପ । କିନ୍ତୁ ଡାକ୍ତର ଖାନା ଠାରୁ ମାତ୍ର ୫୦ମିଟର ଦୂରରେ ବେନାମି ଘରୋଇ ପଲିକ୍ଲିନିକ, ବେନାମି ପାଥୋଲୋଜି ଆଦି ସକାଳଠାରୁ ସଂଧ୍ୟା ଯାଏ ମିଛସତ କହି ରୋଗୀଙ୍କୁ ଲୁଟୁଥିବା ବେଳେ ସେମାନଙ୍କ ଉପରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆନଯାଉଛି ତାହା ସାଧାରଣରେ ଦାବି ହୋଇଛି ।

## ବଢୁଛି କିଡ଼ନି ରୋଗ ଆକ୍ରାନ୍ତଙ୍କ ସଂଖ୍ୟା,ଡାୟାଲିସସ୍ ପାଇଁ ପଞ୍ଜିକରଣ କରି ଅପେକ୍ଷାରେ ସମସଂଖ୍ୟକ ରୋଗୀ

ଭଦ୍ରକ, ୨୮।୯(ପି.ଏନ):- ଭଦ୍ରକ ଜିଲ୍ଲାରେ ଉଦବେଗଜନକ ଭାବେ କିଡ଼ନି ରୋଗ ଆକ୍ରାନ୍ତ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏହି ରୋଗୀମାନଙ୍କ ପାଇଁ ଡାୟାଲିସସ୍ ଅତ୍ୟନ୍ତ ଆବାକ । ପୂର୍ବରୁ ରୋଗୀମାନଙ୍କୁ ଏହି ଚିକିତ୍ସା ସେବା ପାଇଁ ମୁଖ୍ୟତଃ କଟକ କିମ୍ବା ଭୁବନେଶ୍ୱର ଉପରେ ନିର୍ଭର କରିବାକୁ ପଡୁଥିଲା । କିନ୍ତୁ ଗତବର୍ଷ ଫେବ୍ରୁଆରୀ ମାସ ୨୫ ତାରିଖ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଏହି ସେବାର ଶୁଭାରମ୍ଭ ହେଲା । ପିପିପି ମୋଡରେ ଏହି ସେବା ଆରମ୍ଭ ହୋଇଥିବାବେଳେ, ଚଣ୍ଡିଗଡ଼ର ରାହୀ କେୟାର ନାମକ ଏକ କମ୍ପାନୀ ସରକାରଙ୍କ ସହିତ ଚୁକ୍ତିବଦ୍ଧ ଏହି ସେବା ଯୋଗାଇବା ଆରମ୍ଭ କରିଥିଲା । କମ୍ପାନୀ ପକ୍ଷରୁ ଜଣେ ଡାକ୍ତର, ଜଣେ ତାଲିମପ୍ରାପ୍ତ ଷ୍ଟାଫ ନର୍ସ, ଜଣେ ଟେକନିସିଆନ ଓ ୩ଜଣ ଆଟେଣ୍ଡାଣ୍ଟଙ୍କୁ କମ୍ପାନୀ ପକ୍ଷରୁ ନିଯୁକ୍ତି ଦିଆଯାଇଥିଲା । ଫଳରେ ଡାୟାଲିସସ୍ ଚିକିତ୍ସା ଆବଶ୍ୟକ କରୁଥିବା ବହୁ ଗରୀବ, ମଧ୍ୟବିତ ଓ ନିମ୍ନ ମଧ୍ୟବିତ ଶ୍ରେଣୀର ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଆଶ୍ୱସ୍ତ ହୋଇଥିଲେ । ତେବେ ରାହୀ କେୟାର ଜିଲ୍ଲା ଚିକିତ୍ସାଳୟ ପରିସରରେ ଏକ କେନ୍ଦ୍ର ସ୍ଥାପନ କରିବା ସହ ୩ଟି ଡାୟାଲିସସ୍ ମେସିନ ସ୍ଥାପନ କରି ଏହି ଚିକିତ୍ସା ଆରମ୍ଭ କରିଥିଲା । କିନ୍ତୁ କିଡନି ଜନୀତ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ବୃଦ୍ଧି ଘଟୁଥିବାରୁ ନାମ ପଞ୍ଜୀକରଣ କରି ମଧ ବହୁ ସଂଖ୍ୟକ ରୋଗୀ ଏହି ସେବାରୁ ବଂଚିତ ହୋଇଛନ୍ତି । ଏପରିକି ପଞ୍ଜିକୃତ ରୋଗୀଙ୍କୁ ଏହି ସେବା ନିମିତ ୨ରୁ ୩ମାସ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି । ମିଳିଥିବା ତଥ୍ୟ ଅନୁଯାୟୀ ସପ୍ତାହରେ ୬ଦିନ ଏହି କେନ୍ଦ୍ରରେ ସେବା ଉପଲବ୍ଧ ଅଛି । ବର୍ତମାନସୁଦ୍ଧା ମୋଟ ୮୫ଜଣ ରୋଗୀ ଏହି ସେବା ପାଇଁ ନାମ ପଞ୍ଜିକୃତ କରିଥିବାବେଳେ, ୩୮ଜଣଙ୍କୁ ଏହି କେନ୍ଦ୍ରରେ ଚିକିତ୍ସା ସେବା ଯୋଗାଇ ଦିଆଯାଉଛି । ଏହି ୩୮ଜଣଙ୍କ ମଧ୍ୟରୁ ଇତିମଧ୍ୟରେ ୭ଜଣଙ୍କର ମୃତ୍ୟୁ ଘଟି ସାରିଛି ଓ ୩ଜଣ ଡାୟାଲିସିସ୍ ପାଇଁ ଆସୁନଥିବା ଜଣାପଡ଼ିଛି । ସମ୍ଭବତଃ ସେମାନେ ଅନ୍ୟତ୍ର ଚିକିତ୍ସା ପାଇଁ ଯାଉଛନ୍ତି । ଅପରପକ୍ଷରେ ନାମ ପଞ୍ଜିକରଣ କରି ଆହୁରି ୩୭ଜଣ ରୋଗୀ ଏହି ସେବା ପାଇବା ଅପେକ୍ଷାରେ ରହିଛନ୍ତି । କର୍ତୃପକ୍ଷଙ୍କ କହିବାନୁଯାୟୀ ଜଣେ ରୋଗୀଙ୍କୁ ସପ୍ତାହରେ ୨ଥର ଡାୟାଲିସିସ୍ କରିବା ଆବଶ୍ୟକ ପଡ଼ିଥାଏ । କିନ୍ତୁ ଏତେ ସଂଖ୍ୟକ ରୋଗୀଙ୍କୁ ସପ୍ତାହରେ ୨ଥର ସେବା ଯୋଗାଇବା ସମ୍ଭବ ହୋଇ ପାରୁ ନାହିଁ । ଯଦି ମେସିନ ସଂଖ୍ୟା ୩ରୁ ୬କୁ ବୃଦ୍ଧି କରାଯାଆନ୍ତା ତେବେ କିଡ଼ନି ରୋଗ ଆକ୍ରାନ୍ତଙ୍କୁ ଅଧିକ ଅପେକ୍ଷା କରିବାକୁ ପଡ଼ନ୍ତା ନାହିଁ । ଏପରି ବିଭାଗୀୟ ଅନିଚ୍ଛାକୃତ ବିଳମ୍ବ ପାଇଁ ବହୁ ରୋଗୀ ବାଧ୍ୟ ହୋଇ କଟକ କିମ୍ବା ଭୁବନେଶ୍ୱର ମୁହାଁ ହେଉଥିବା ଜାଣିବାକୁ ମିଳିଛି । ଫଳରେ ସେମାନଙ୍କୁ ବେଶ ଖର୍ଚ୍ଚାନ୍ତ ହେବାକୁ ପଡୁଛି । ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଜିଲ୍ଲାର ୧୫ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିର୍ଭରଶୀଳ । ଏହା ବ୍ୟତୀତ ପଡ଼ୋଶୀ ଯାଜପୁର, ବାଲେଶ୍ୱର, କେନ୍ଦୁଝର ଜିଲ୍ଲାର କେତେକ ଅଂଚଳର ବହୁ ରୋଗୀ ଏହି ଚିକିତ୍ସାଳୟ ଉପରେ ନିର୍ଭରଶୀଳ । ୧୫ଲକ୍ଷ ଲୋକସଂଖ୍ୟା ଆଧାରରେ ଏହି ଡାୟାଲିସସିସ୍ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲା । କିନ୍ତୁ ପଡ଼ୋଶୀ ଜିଲ୍ଲାର ଜନସଂଖ୍ୟାକୁ ମିଶାଇଲେ ଏହି ଚିକିତ୍ସାଳୟ ଉପରେ ୨୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ନିର୍ଭରଶୀଳ । ତେଣୁ ଡାୟାଲିସସ୍ ମେସିନ ସଂଖ୍ୟା ୩ରୁ ୬କୁ ବୃଦ୍ଧି କରାଗଲେ ଏହି ଚିକିତ୍ସା ସେବା ଅଧିକ ଫଳପ୍ରଦ ହେବା ସହ ରୋଗୀମାନେ ଏହି ସେବା ପାଇ ପାରନ୍ତେ । ଦୂଷିତ ଜଳ ସମେତ ବିଭିନ୍ନ କାରଣରୁ ବର୍ତମାନ କିଡନି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ତେଣୁ ଏହି ବ୍ୟୟବହୁଳ ଚିକିତ୍ସା ସେବାରୁ ରୋଗୀଙ୍କୁ ରକ୍ଷା କରିବାକୁ ହେଲେ ମେସିନ ସଂଖ୍ୟା ଦ୍ୱିଗୁଣିତ କରାଯିବାକୁ ସାଧାରଣରେ ମତପ୍ରକାଶ ପାଇଛି ।

## ବର୍ଷା ସତ୍ତ୍ୱେ ପିଣ୍ଡଦାନ ପାଇଁ ବିନ୍ଦୁ ସାଗରରେ ପ୍ରବଳ ଭିଡ଼

ଭୁବନେଶ୍ୱର, ୨୮।୯(ପି.ଏନ): ଆଜି ମହାଳୟାରେ ପିତୃ ପୁରୁଷ ମାନଙ୍କୁ ତିଳ ତର୍ପଣ କରିବା ପାଇଁ ଭୁବନେଶ୍ୱରସ୍ଥିତ ବିନ୍ଦୁସାଗର ଠାରେ ହଜାର ହାର ସଂଖ୍ୟାରେ ଲୋକମାନେ ପିଣ୍ଡ ଦାନ କରିଥିଲେ । ଏହି ଅବସରରେ ପିଣ୍ଡଦାନ ସାମଗ୍ରୀର ଦର ବହୁତ ବଢ଼ିଥିବାର ଦେଖାଯାଇଥିଲା । ପିଣ୍ଡ ଦାନ ଦେବା ପାଇଁ ବ୍ରାହ୍ମଣ ମାନଙ୍କ ପାଖରେ ଲାଇନରେ ଅପେକ୍ଷା କରିଥିଲେ । ଏହି ଅବସରରେ ଅବଢ଼ାର ଦର ବୃଦ୍ଧି ପାଇଥିବାର ପରିଲକ୍ଷିତ ହୋଇଥିଲା । କଦଳୀ ପତ୍ରର ଦାମ୍ ବୃଦ୍ଧି ପାଇଥିବା ଦେଖାଯାଇଥିଲା । ଅନ୍ୟ ପକ୍ଷରେ କିଛି ଲୋକ ନିଜ ନିଜ ଅଂଚଳରେ ଥିବା ମନ୍ଦିର ମାନଙ୍କୁ ଯାଇ ସେଠାରେ ପିଣ୍ଡଦାନ କରିଥିଲେ । ଆଉ କିଛି ଲୋକ ମଧ୍ୟ ନିଜ ଘରେ ବ୍ରାହ୍ମଣଙ୍କୁ ଡାକି ପିତୃ ପୁରୁଷଙ୍କ ପାଇଁ ପିଣ୍ଡ ଦାନ କରିଥିଲେ । ଯାଜପୁର ଜିଲ୍ଲାର ବିରଜାଙ୍କ ପାଖରେ ମଧ୍ୟ ପିଣ୍ଡଦାନ ପାଇଁ ଅନୁରୂପ ଭାବେ ପ୍ରବଳ ଭିଡ଼ ହୋଇଥିଲା । ସେହିପରି ଚିନ୍ତାମଣିଶ୍ୱର ମନ୍ଦିର, କଟକର ଗଡ଼ଗଡ଼ିଆ ଘାଟ, ଧବଳେଶ୍ୱର, ପୁରୀର ଲୋକନାଥ ମନ୍ଦିର ଏବଂ ୨୨ ପାହାଚରେ ପିଣ୍ଡଦାନ ପାଇଁ ଲୋକଙ୍କ ପ୍ରବଳ ଗହଳି ଜମିଥିଲା ।

## ଗୁରୁତର କାଳିଆ ଭେଂଟିଲେଟରରେ ଏମସ୍ ର ଦୁଇ ଜଣ ବିଶେଷଜ୍ଞ ଡାକ୍ତର ପଠାଇବାକୁ ସ୍ୱାସ୍ଥ୍ୟ ସଚିବଙ୍କ ଚିଠି

ଭୁବନେଶ୍ୱର, ୨୮।୯(ପି.ଏନ): କଟକ ବଡ଼ ମେଡିକାଲରେ ଚିକିତ୍ସାଧିନ ଥିବା ଯୋଡ଼ାମୁଣ୍ଡ ଶିଶୁ ମଧ୍ୟରୁ କାଳିଆର ଅବସ୍ଥା ଗୁରୁତର ଥିବାରୁ ତାକୁ ଭେଂଟିଲେଟରରେ ରଖାଯାଇଛି । ଦିଲ୍ଲୀ ଏମସ୍ ରୁ ଦୁଇ ଜଣ ବିଶେଷଜ୍ଞ ଡାକ୍ତର ପଠାଇବାକୁ ସ୍ୱାସ୍ଥ୍ୟ ସଚିବ କର୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି । ଚିକିତ୍ସା ତଦାରଖକାରୀ କମିଟିଙ୍କ ଅନୁରୋଧ କ୍ରମେ ସ୍ୱାସ୍ଥ୍ୟ ସଚିବ ଏହି ଚିଠି ଲେଖିଛନ୍ତି । ଡାକ୍ତର ଦୀପକ ଗୁପ୍ତା ଓ ରାଜେଶ ଲୋଧାଙ୍କୁ ପଠାଇବାକୁ ଏହି ଚିଠିରେ ଉଲ୍ଲେଖ କରାଯାଇଛି । ସେମାନଙ୍କର ଯାତାୟାତ ବାବଦ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ ବୋଲି ଚିଠିରେ ଦର୍ଶାଯାଇଛି ।








# ଟି ଟାଇମ୍

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ। ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ। ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ। ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ। ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ। ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା। ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ। ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ। ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା। ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ। କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା। ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ। ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ। ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ। ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ। ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ। ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି। ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ।

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ। ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ। ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି। ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି। ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ। ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ। ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ। ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ। ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ। ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି। ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି। ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି। ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି। ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ। ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ। ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ। ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା। ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା। ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ। ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା। ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି। ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି। ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା। ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା। ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି। ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା। ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି। ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି।

# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

## ଏଗାର ଦିବସ ବ୍ୟାପୀ ଅତିରୁଦ୍ର ମହାଯଜ୍ଞ



ଭବନେଶ୍ୱର : ଶ୍ରୀ ସତ୍ୟସାଇ ସେବା ସଂଗଠନ (ଭାରତ) ଓଡିଶା, ଭୁବନେଶ୍ୱର, ୟୁନିଟ୍ -୩ ଖାରବେଳ ନଗର, ସାଇଜନନୀଠାରେ ଅତିରୁଦ୍ର ମହାଯଜ୍ଞର ଶୁଭାରମ୍ଭ ପବିତ୍ର ମହାଳୟା ତିଥିରେ ଅନୁଷ୍ଠିତ ହୋଇଯାଇଛି । ବୈଦିକ ରୀତିରେ ମନ୍ତ୍ରପାଠ, ମଙ୍ଗଳବାଦ୍ୟ ଓ ବିଜୟଘୋଷ ସହ ବରଣ ବ୍ରାହ୍ମଣମାନେ ଶାଳା ପ୍ରବେଶ କରି ଅଗ୍ନିକୁ ଆବାହନ କରି ଯଜ୍ଞ ଆରମ୍ଭ କରାଯାଇଥିଲା । ଏକାଦଶ କୁଣ୍ଡରେ ଏକାଦଶ ଦିବସ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ଦିବ୍ୟଯଜ୍ଞ ଓଡିଶାରେ ପ୍ରଥମଥର ପାଇଁ ଅନୁଷ୍ଠିତ ହେଉଛି । ଏହା ସହିତ ୧୨୧ ଜଣ ପାଠୀଙ୍କ ଦ୍ୱାରା ରୁଦ୍ରମର ଆବୃତ୍ତି ପ୍ରତ୍ୟେକ ଦିନ ୧୧ ଥର କରାଯାଉଛି । ଓଡିଶାର ସତ୍ୟସାଇ ଭକ୍ତଙ୍କ ସହ ଦେଶର ବିଭିନ୍ନ ସ୍ଥାନରୁ ଦର୍ଶନାର୍ଥୀମାନେ ଏହି ସମାରୋହରେ ଉପସ୍ଥିତ ହେଉଛନ୍ତି । ବିଶ୍ୱଶାନ୍ତି ଓ ଜନକଲ୍ୟାଣାର୍ଥେ ଆୟୋଜିତ ଏହି ଯଜ୍ଞ ପ୍ରାତଃ ୫ ଘଟିକାରୁ ଓଁକାରମ୍, ସୁପ୍ରଭାତମ୍, ବେଦପରିକ୍ରମା, ନଗରସଂକିର୍ତ୍ତନ, ଅଭିଷେକ ଓ ଯଜ୍ଞ ଆଦି ଅନୁଷ୍ଠିତ ହେବା ସହ ପ୍ରତି ସନ୍ଧ୍ୟାରେ ଭଜନ, ସତ୍‌ସଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେଉଛି । ସଂଗଠନର ରାଜ୍ୟସଭାପତି ଶ୍ରୀଯୁକ୍ତ ନାରାୟଣ ପ୍ରସାଦ ସର ପ୍ରଶାନ୍ତି ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଛନ୍ତି । ମହାଳୟା ଅମାବାସ୍ୟାଠାରୁ ଆରମ୍ଭ ହୋଇ ପବିତ୍ର ବିଜୟାଦଶମୀ ତିଥିରେ ଏହି ଅତିରୁଦ୍ର ମହାଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ । ଆଶାକରାଯାଏ ଏହି ଏଗାର ଦିବସ ମଧ୍ୟରେ ଲକ୍ଷାଧିକ ଭକ୍ତଙ୍କ ସମାବେଶ ହେବ । ସାଇ ସଂଗଠନର ସେବାଦଳ ଭାଇ-ଭଉଣୀମାନେ ଉତ୍ସବଟିକୁ ପରିଚାଳନା କରୁଛନ୍ତି ।




# ଧର୍ମପାଳ ଗୁଲାଟିଙ୍କୁ କିସ୍ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ

## କିସ୍- ଗାନ୍ଧୀ ଦର୍ଶନର ବାସ୍ତବ ପ୍ରତିଫଳନ ଦିନିକିଆ ଆଲୋଚନାଚକ୍ର




ଭୁବନେଶ୍ୱର, ୨୮।୯(ପିଏନ) : ଚଳିତବର୍ଷ ସମଗ୍ର ବିଶ୍ୱ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରିବାକୁ ଯାଉଥିବା ବେଳେ କିସ୍ ପକ୍ଷରୁ ଶନିବାର କିସ୍: ଗାନ୍ଧୀ ଦର୍ଶନର ବାସ୍ତବ ପ୍ରତିଫଳନ ଶୀର୍ଷକ ଦିନିକିଆ ଆଲୋଚନାଚକ୍ର ପ୍ରଦର୍ଶନୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଏମ୍‌ଡିଏଚ୍ କମ୍ପାନୀର ପ୍ରତିଷ୍ଠାତା ଅଧ୍ୟକ୍ଷ ପଦ୍ମଭୂଷଣ ମହାଶୟ ଧର୍ମପାଳ ଗୁଲାଟିଙ୍କୁ କିସ୍ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ ପ୍ରଦାନ କରାଯାଇଥିଲା। ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଶ୍ରୀ ଗୁଲାଟିଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ସ୍ଥାନୀୟ ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ (ସ୍ୱା) ତଥା ଜଳସମ୍ପଦ ବିଭାଗ ରାଷ୍ଟ୍ରମନ୍ତ୍ରୀ ରଘୁ ନନ୍ଦନ ଦାସ, ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ତଥା ପର୍ଯ୍ୟଟନ ବିଭାଗର ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ବିଶିଷ୍ଟ ସାହିତ୍ୟିକ ତଥା ସମୀକ୍ଷକ ଅସିତ କୁମାର ମହାନ୍ତି, ପ୍ରଫେସର ଶାନ୍ତନୁ ଆଚାର୍ଯ୍ୟ, ଶିଶୁ ସାହିତ୍ୟିକ ଦାସ ବେନହୂର, ମହାତ୍ମା ଗାନ୍ଧୀ ଅହିଂସା ଐତିହ୍ୟ ପ୍ରତିଷ୍ଠାନ ଟ୍ରଷ୍ଟର ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ବିଧାୟକ ସୁରେଶ ରାଉତରାୟ, ଆଚାର୍ଯ୍ୟ ଭାବାନନ୍ଦ, ସମାଜସେବୀ ଜଗଦାନନ୍ଦ, ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିମଳେନ୍ଦୁ ମହାନ୍ତି, ସମାଜସେବୀ ମଧୁ ଭାଇ, କିସ୍ ଓ କିଟ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା, ସାହିତ୍ୟିକା ପ୍ରବୀଣା ମହାନ୍ତି, ସମାଜସେବୀ ଡ. ଦିଲିପ ଶ୍ରୀଚନ୍ଦନ, ସୁବାର୍ତ୍ତା ସଂପାଦକ ପ୍ରଦ୍ୟୁମ୍ନ ଶତପଥୀ, ବିଶିଷ୍ଟ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଦିଲିପ ହାଲି, ବିଶ୍ୱମୁକ୍ତି ସଂପାଦକ ଶଶାଙ୍କ ଚୂଡ଼ାମଣିଙ୍କ ସମେତ ବହୁ ବୁଦ୍ଧିଜୀବୀ କିସ୍‌ରେ କିଭଳି ଗାନ୍ଧୀ ଦର୍ଶନର ବାସ୍ତବ ରୂପାୟନ ହୋଇପାରିଛି ତାହା ଉପରେ ବିସ୍ତୃତ ଆଲୋକପାତ କରିଥିଲେ। ଗାନ୍ଧୀଜୀ ସର୍ବଦା ସମାଜର ଅବହେଳିତଙ୍କ ଉନ୍ନତି ନିମନ୍ତେ ଶିକ୍ଷା ହିଁ ମୁଖ୍ୟ ଆୟୁଧ ବୋଲି କହି ଆସୁଥିଲେ, ଯାହା କି କିସ୍‌ରେ ଆଜି ପ୍ରତିଫଳିତ ହୋଇଛି। ଗାନ୍ଧୀଜୀଙ୍କ ଅହିଂସା, ଶାନ୍ତି, ସ୍ୱଚ୍ଛତା, ସମୟାନୁବର୍ତ୍ତିତା, କର୍ମନିଷ୍ଠା, ନାରୀ ସଶକ୍ତିକରଣ, କୁଟୀରଶିଳ୍ପ ପାଇଁ ଯେଉଁ ଦର୍ଶନ ରହିଥିଲା ସେସବୁ କିସ୍‌ରେ ହିଁ ଦେଖିବାକୁ ମିଳେ ବୋଲି ବକ୍ତାମାନେ କହିଥିଲେ। କିସ୍ ଲାଇଫ୍ ଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ ଗ୍ରହଣ କରି ଶ୍ରୀ ଗୁଲାଟି କହିଥିଲେ, କିସ୍‌ରେ ଯେଉଁ ଶିକ୍ଷା ରୂପକ ମହାନ ଯଜ୍ଞ ଚାଲିଛି ତାହା ମୋତେ ଅଭିଭୂତ କରିଛି। ଭଗବାନଙ୍କ ଆଶୀର୍ବାଦ ଯୋଗୁଁ ଆଜି ମୁଁ କିସ୍ ଭଳି ଏକ ମହାନ ଅନୁଷ୍ଠାନ ଦେଖିବାର ସୁଯୋଗ ପାଇଲି ବୋଲି ସେ କହିଥିଲେ। ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ସଭା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଅନୁଭବ ମହାନ୍ତିଙ୍କ ସମେତ ସମାଜର ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଏହାଛଡ଼ା ଧନ୍ଦାମୂଳକ ତାଲିମ ମାଧ୍ୟମରେ କିସ୍ ପିଲାଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ପ୍ରଦର୍ଶନୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।




# ଆନ୍ଧ୍ର ସରକାର ମଦ ବନ୍ଦ କଲେ, ଓଡ଼ିଶା ବନ୍ଦ କରିବେ କେବେ ?

ଭୁବନେଶ୍ୱର,(ପିଏନ): ଆନ୍ଧ୍ର ସରକାର ରାଜ୍ୟର ୩୫୦୦ ସରକାରୀ ମଦ ଦୋକାନକୁ ଅକ୍ଟୋବର ୧ ତାରିଖ ଠାରୁ ହାତକୁ ନେବା ପାଇଁ ଘୋଷଣା କରିଛନ୍ତି। ରାଜ୍ୟର ଉପମୁଖ୍ୟମନ୍ତ୍ରୀ ତଥା ଅବକାରୀ ମନ୍ତ୍ରୀ ନାରାୟଣ ସ୍ୱାମୀ କହିଛନ୍ତି ଯେ, ଆନ୍ଧ୍ର ସରକାର ସେପ୍ଟେମ୍ବର ୧ ତାରିଖରୁ ୪୭୫ଟି ମଦ ଦୋକାନକୁ ହାତକୁ ନେଇଥିଲେ। ଅକ୍ଟୋବର ୧ ତାରିଖରୁ ୩୫୦୦ ମଦ ଦୋକାନକୁ ହାତକୁ ନେବେ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜଗନ ମୋହନ ରେଡ୍ଡିଙ୍କ ସଂକଳ୍ପକୁ ସମ୍ମାନ ଜଣାଇ ପର୍ଯ୍ୟାୟକ୍ରମେ ମଦ ଦୋକାନକୁ ଉଚ୍ଛେଦ କରାଯିବ ବୋଲି ମାନ୍ୟବର ଅବକାରୀ ମନ୍ତ୍ରୀ ଶ୍ରୀଯୁକ୍ତ ନାରାୟଣ ସ୍ୱାମୀ ଘୋଷଣା କରିଛନ୍ତି। ଆନ୍ଧ୍ର ସରକାରଙ୍କ ଏହି ଘୋଷଣା ରାଜ୍ୟରେ ମହିଳା ନିର୍ଯ୍ୟାତନା ଓ ଦୁର୍ଘଟଣା କମାଇବାରେ ସହାୟକ ହେବ ବୋଲି ସରକାରଙ୍କ ପକ୍ଷରୁ ଆଶାପ୍ରକାଶ କରାଯାଇଛି। ଆନ୍ଧ୍ର ସରକାରଙ୍କର ଏହି ଘୋଷଣାକୁ ଅନୁସରଣ କରି ଓଡ଼ିଶା ସରକାର ରାଜ୍ୟରେ ପର୍ଯ୍ୟାୟକ୍ରମେ ମଦ ଦୋକାନ ଉଚ୍ଛେଦ କରିବାକୁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ଦାବି କରିଛି। ପାର୍ଟିର ରାଜ୍ୟ ସଭାପତି ଶ୍ରୀ ରବି ବେହେରା ଆଜି ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ପ୍ରକାଶ କରିଛନ୍ତି ଯେ, ମହିଳା ସଶକ୍ତିକରଣ ପାଇଁ ଉଦ୍ୟମ କରୁଥିବା ଓଡ଼ିଶା ସରକାର ମହିଳାମାନଙ୍କ ହିତ ଦୃଷ୍ଟିରୁ ରାଜ୍ୟରୁ ମଦ ସମ୍ପୂର୍ଣ୍ଣ ନିଷେଧ କରନ୍ତୁ। ଆସନ୍ତା ଅକ୍ଟୋବର ୨ ତାରିଖରୁ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ଜୟନ୍ତୀକୁ ସମ୍ମାନ ଜଣାଇ ଓଡ଼ିଶାକୁ ଏକ 'ମଦମୁକ୍ତ ରାଜ୍ୟ' ଭାବରେ ଘୋଷଣା କରିବାକୁ ଶ୍ରୀ ବେହେରା ଦାବି କରିଛନ୍ତି

# କେନ୍ଦ୍ରୀୟ ଯୋଜନା ହଡ଼ପ ପ୍ରତିବାଦରେ ବଡ଼ଚଣା ବିଜେପି ପକ୍ଷରୁ ବ୍ଲକ୍ କାର୍ଯ୍ୟାଳୟ ଘେରାଉ ଓ ପ୍ରତିବାଦ ସଭା

ଚଣ୍ଡିଖୋଲ, ୨୮/୯(ପିଏନ)--ରାଜ୍ୟ ସରକାର କ୍ରମାଗତ ଭାବରେ କେନ୍ଦ୍ରସରକାରଙ୍କ ବିଭିନ୍ନ ଜନହିତକର ଯୋଜନାଗୁଡ଼ିକୁ ନିଜ ନାମରେ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କା ଘରୁ ସବୁକୁ ରାଜ୍ୟ ସରକାର ବିଜୁ ପକ୍କା ଘର କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି। ସେହିପରି ଆଗାମୀ ୨୦୨୨ ସୁଧା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିବା ହାଇସିଂ ଫର ଅଲ୍ (ସମସ୍ତଙ୍କ ପାଇଁ ଘର) ଯୋଜନାକୁ ରାଜ୍ୟ ସରକାର ନାମ ପରିବର୍ତ୍ତନ କରି ମୋ ଆବାସ ନାମରେ ରାଜ୍ୟବାସୀଙ୍କୁ ଠକି ଚାଲିଛନ୍ତି। ସେହିପରି ୧୦୮ ଆମ୍ବୁଲାନସର ନାମ ପରିବର୍ତ୍ତନ କରି ଓ ସେଥିରେ ଲୋଗ ଲାଗାଇ ହାଇଯାକ୍ କରିବା ସହିତ କେନ୍ଦ୍ର ସରକାରଙ୍କ ସୁକନ୍ୟ ସମୃଦ୍ଧି ଯୋଜନାକୁ ନାମ ବଦଳାଇ ଝିଅ ପାଇଁ ଚିଠି ଟିଏ କରି ବିଭିନ୍ନ ଗଣମାଧ୍ୟମରେ ବିଜ୍ଞାପନ ପ୍ରକାଶ କରିଥିଲେ। ଟକିଖିଆ ଚାଉଳକୁ ନିଜ ନାମରେ ନାମିତ କରିବା, ଦଳୀୟ ଭିତ୍ତିରେ ହିତାଧିକାରୀ ଚୟନ କରିବା, ଯୋଗ୍ୟ ହିତାଧିକାରୀ ବଦଳରେ ଅଯୋଗ୍ୟ ହିତାଧିକାରୀଙ୍କ ଚୟନ କରିବା, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣରେ ବ୍ୟାପକ ଆର୍ଥିକ ଅନିୟମିତତା ସହିତ ଗୋଟିଏ ଶୌଚାଳୟ ନିର୍ମାଣ କରି ରଙ୍ଗ ବଦଳାଇ ଏକାଧିକ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ଦେବା, ଜାତୀୟ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ଯୋଜନାରେ ଦଳୀୟ କର୍ମୀଙ୍କ ସାମିଲ କରିବା ଆଦି ପ୍ରତିବାଦରେ ଆଜି ବଡ଼ଚଣା ବିଜେପି ପକ୍ଷରୁ ଏକ ପ୍ରତିବାଦ ସଭା ଓ ଗଣବିକ୍ଷୋଭ ବଡ଼ଚଣା ବ୍ଲକ୍ ସମୁଖରେ ଅନୁଷ୍ଠିତ ହୋଇଥିଲା। ଯାଜପୁର ଜିଲା ବିଜେପି ମହିଳା ଉପ ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ରାଜ୍ୟ ବିଜେପି ମୁଖପାତ୍ର ଅମର ନାୟକ, ବରିଷ୍ଠ ବିଜେପି ନେତା ଗୌତମ ରାୟ, ରମେଶ ପୃଷ୍ଟି, ନୀଳମଣୀ ରାଉତ, ବିନୋଦ ଜେନା, ଅଜୟ ଜେନା, ଧୁଳେଶ୍ୱର ଦାସ, ବିଚିତ୍ରାନନ୍ଦ ମହାପାତ୍ର, ପ୍ରମୋଦ କୁମାର ଜେନା, ବେଣୁଧର ବିଶ୍ୱାଳ, ଜ୍ଞାନ ରଂଜନ ସାହୁ, ଚିନ୍ମୟ ସାହୁ, ନିରଞ୍ଜନ ସାହୁ, ସାରଦା ରାଉତ, ରମାକାନ୍ତ ରାଉତ, ଧିରେନ୍ଦ୍ର କୁମାର ରାଉତ, ପ୍ରଦୀପ ଜେନା, ବିଭୁତି ଭୁଷଣ ବଳସାମନ୍ତ, ପ୍ରଦୀପ ସାମଲ, ବାଇଧର ସେନାପତି ଓ ଅଭୟ ତରାଇ ପ୍ରମୁଖ ରାଜ୍ୟ ସରକାରଙ୍କ ଏତାଦୃଶ କାର୍ଯ୍ୟକଳାପର ତୀବ୍ର ବିରୋଧ କରିଥିଲେ। ଏଥିପ୍ରତି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଓଡ଼ିଶାର ରାଜ୍ୟପାଳଙ୍କ ଉଦେଶ୍ୟରେ ଏକ ଦାବୀ ପତ୍ର ପ୍ରଦାନ କରାଯାଇଥିଲା।

# ମାର୍ଶାଘାଇ ଓ ମହାକାଳପଡା ଅଚଂଳର ଏସ.ଏଚ.ଜି.ଗୋଷ୍ଠିର ଶତାଧିକ ମହିଳା ଚିଟଫଣ୍ଡର ଶିକାର

## ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଠକେଇ ଅଭିଯୋଗ

କେନ୍ଦ୍ରାପଡା (ପିଏନ୍)- କେନ୍ଦ୍ରାପଡା ଜିଲ୍ଲାର ମାର୍ଶାଘାଇ, ମହାକାଳପଡା ଓ ତନ୍ତିଆପାଳ ଥାନା ଅଚଂଳର ସ୍ୱୟଂ ସହାୟିକା ଗୋଷ୍ଠିର ଶତାଧିକ ମହିଳା ପୁଣି ଚିଟଫଣ୍ଡ ଠକେଇର ଶୀକାର ହୋଇଥିବା ସହ ସେମାନଙ୍କ ଠାରୁ ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ସେହି ଚିଟଫଣ୍ଡ କମ୍ପନୀ ଠକି ନେଇଥିବା ଜିଲ୍ଲାପାଳ ସମର୍ଥ ବର୍ମାଙ୍କ ନିକଟରେ ଅଭିଯୋଗ ହୋଇଛି । ସେମାନଙ୍କ ଅଭିଯୋଗ ହେଉଛି ଯେ ଗତବର୍ଷ "ଭାରତ" ନାମକ ଏକ ଅର୍ଥ ଲଗାଣକାରୀ ସଂସ୍ଥା କିଛି ମହିଳା ଗୋଷ୍ଠିଙ୍କୁ ଋଣ ପ୍ରଦାନ କରି ଆଦାୟ ମଧ୍ୟ କରିଥିଲା । ଚଳିତ ବର୍ଷ ଭାରତ ସମେତ ଏଲ.ଆଣ୍ଡ ଟି.,ସ୍ପନ୍ଦନା, ସମସ୍ତା, ଆରୋହଣ ପ୍ରଭୃତି ଅର୍ଥ ଲଗାଣକାରୀ ସଂସ୍ଥା ବହୁ ମହିଳା ଗୋଷ୍ଠିଙ୍କୁ ମାଇକ୍ରୋ ଫାଇନାନ୍ସ ଋଣ ଦେଇଥିଲେ । ଏହି ଋଣ ନିମନ୍ତେ ସଂପୃକ୍ତ କମ୍ପାନୀର ବିଜୟ କୁମାର ସ୍ୱାଇଁ ନାମକ ବ୍ୟକ୍ତି ଗୋଷ୍ଠି ଗୁଡିକର ମହିଳାମାନଙ୍କୁ ଅଧିକ ଲାଭର ମିଥ୍ୟା ପ୍ରଲଭୋନ ଦେଖାଇ ଏକହଜାର ମହିଳାଙ୍କ ଠାରୁ ପ୍ରାୟ ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ସେମାନେ ଜିଲ୍ଲାପାଳ ଶ୍ରୀ ବର୍ମାଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏବେ ସେହିସବୁ କମ୍ପାନୀର ଏଜେଂଟ କହି ଆଉ କେତେକ ଲୋକ ଋଣର କିସ୍ତି ଟଙ୍କା ପଇଠ ପାଇଁ ମହିଳାମାନଙ୍କ ଉପରେ ଜୁଲମ ଚଳାଇଥିବା ସେମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସଂପୃକ୍ତ ଅଚଂଳର ଥାନା ଗୁଡିକରେ ଲିଖିତ ଅଭିଯୋଗ ପରେବି ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ । ତେଣୁ ମହିଳାମାନେ ଅପଦସ୍ତ,ଅପମାନିତ ଓ ନିର୍ଯ୍ୟାତନାର ଶୀକାର ହୋଇ ଶେଷରେ ଆତ୍ମହତ୍ୟାର ପନ୍ଥା ବାଛିନେବାକୁ ବାଧ୍ୟ ହେବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ଏଣୁ ଏହି ଘଟଣାର କ୍ରାଇମବ୍ରାଂଚ ଦ୍ୱାରା ତଦନ୍ତ କରାଯିବା,ସେପର୍ଯ୍ୟନ୍ତ କମ୍ପାନୀର ଋଣ ଆଦାୟ ବନ୍ଦ ରଖାଯିବା ଓ ଏହି ଠକେଇ ଘଟଣାର ମୁଖ୍ୟ ବିଜୟ କୁମାର ସ୍ୱାଇଁଙ୍କୁ ତୁରନ୍ତ ଗିରଫ କରାଯିବାକୁ ସେମାନେ ଦାବିକରିବା ସହ ଯଦି ଏସମ୍ପର୍କରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ସେମାନେ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣା ଦେବାକୁ ବାଧ୍ୟ ହେବେ ବୋଲି ମହିଳା ଗୋଷ୍ଠିର ଯଶୋଦା ଭୂୟାଁ,ଶସ୍ମିତା ପରିଡା,ସଚିପ୍ରଭା ରାଉତ,ଶୈଳବାଳା ବେହେରା,ମମତା ମଲ୍ଲିକ,ଗୀତାଞ୍ଜଳି ମଲ୍ଲିକ,ମିତା ବେହେରା,ଅମ୍ବିକା ରାଉତ ପ୍ରମୁଖ ଶତାଧିକ ମହିଳା ଚେତାବନୀ ଦେଇଛନ୍ତି ।

# ସୁନ୍ନି ତନଜିମ-ଉଲ-ଓଲମା କେନ୍ଦ୍ରାପଡା ପକ୍ଷରୁ ଚଳଚିତ୍ର ଆୟେଶାକୁ ବିରୋଧ




କେନ୍ଦ୍ରାପଡା (ପିଏନ)- ମୁସଲିମ ଜାତିର ମା' ହଜରତ ଆୟେଶା ରଜିଅଲ୍ଲା ଅନ୍‌ହା,ମହାପୁରୁଷ ମହମ୍ମଦ (ସ.ଅ.)ଙ୍କ ପତ୍ନୀଙ୍କ ନାମରେ ନିର୍ମିତ ବିକୃତ ଚଳଚିତ୍ର ବିରୋଧରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ଅପରାହ୍ନରେ କେନ୍ଦ୍ରାପଡା ସୁନ୍ନି ତନଜିମୁଲ ଓଲମା ପକ୍ଷରୁ ପ୍ରତିବାଦରେ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । ଏହି ବିକ୍ଷୋଭରେ କେନ୍ଦ୍ରାପଡାର ୫ଶହରୁ ଉର୍ଦ୍ଧ୍ୱ ମୁସଲିମ ଭାଇମାନେ ଏକତ୍ରିତ ହୋଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ,ଚଳଚିତ୍ର ସେନସର ବୋର୍ଡ ଅଧ୍ୟକ୍ଷ ଓ କେନ୍ଦ୍ରାପଡା ସାଂସଦଙ୍କ ଉଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଏହି ସ୍ମାରକପତ୍ରରେ ଉଲ୍ଲେଖ ରହିଛି ଯେ ଓ୍ୱିସିମ୍ ରିଜଭି,ସିହା ଓ୍ୱାକଫ ବୋର୍ଡ ୟୁପିର ଚେୟାରମ୍ୟାନ,ରିଜଭି ଫିଲ୍ମ ନିର୍ମାତା ମୁସଲିମ ଜାତିର ମା' ହଜରତ ଆୟେଶା ରଜିଅଲ୍ଲା ଅନ୍‌ହା,ମହାପୁରୁଷ ମହମ୍ମଦ (ସ.ଅ.)ଙ୍କ ପତ୍ନୀଙ୍କ ନାମରେ ଏକ ବିକୃତ ଚଳଚିତ୍ର "ଆୟେଶା"ନିର୍ମାଣ କରିଛନ୍ତି । ଏହି ଚଳଚିତ୍ର ପ୍ରଦର୍ଶନକୁ ବ୍ୟାନ କରିବା ସମେତ ଓ୍ୱିସିମ୍ ରିଜଭି କୁ ଗିରଫ କରିବା ଏବଂ ଆଗକୁ ଏପରି ଚଳଚିତ୍ର ନିର୍ମିତ ନହେବା ପାଇଁ କୁହାଯାଇଛି । ଏହି ପ୍ରତିବାଦ ବିକ୍ଷୋଭରେ କେନ୍ଦ୍ରାପଡାର ସୁନ୍ନି ତନଜିମୁଲ ଓଲମାର ସଭାପତି ମୌଲାନା ମହମ୍ମଦ ଖୁର୍ସିଦ ଅନଓ୍ୱାର,ସମ୍ପାଦକ ମୌଲାନା ଗୁଲାମ ମୁସ୍ତଫା,ମୌଲାନା ଫକିରୁଦ୍ଦିନ, ତବରେଜ ଆଲମ ମିସବାହୀଙ୍କ ସମେତ ସମସ୍ତ ଓଲମା, ଜିଲ୍ଲା ବିଜେଡି ସଂଖ୍ୟାଲଘୁ ସେଲର ଅଧ୍ୟକ୍ଷ ମହମ୍ମଦ ସେକ ଇନାୟତ, ସହରର ତଞ୍ଜିମ ଇମାମ ଅହେମଦ ରଯାର ସମସ୍ତ ସଦସ୍ୟ , କେନ୍ଦ୍ରାପଡା ସହରରେ ଥିବା ସମସ୍ତ ବସ୍ତି ନଜଓ୍ୱାନ କମିଟି, ଦିଲାଓ୍ୱରପୁର, ଇମାମବାଡା, ଇଦଗାହ ମହଲା, ଜଇପୁରା, ରଣପଡା, କନିଆଯୋର, କୁମାରିଆ, ମନକରପୁର , ଗରାପୁର, ମଡିଆଳ, ଖଡିଅଙ୍ଗର ସମସ୍ତ ସୁନ୍ନି ମୁସଲମାନଙ୍କ ସମେତ ମୌଲାନା କମାଲ ହାପିଜୁର,ସେକ ତାଜମୁଲ ହୋସେନ, ସୟଦ ନୁର ଉଦ୍ଦିନ, ମହମ୍ମଦ ଫାରୁକ, ସେକ ଗୋପି, ମୁଫତି ମୁସରଫ ରଜାକ,ଏମ.ଏ.ରଇଫ ହବିବ, କମାଲ ଉଦ୍ଦିନ ହବୀବ, କଲିମ ଖାନ ପ୍ରମୁଖ ଏହି ପ୍ରତିବାଦରେ ସାମିଲ ହୋଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସୁରକ୍ଷା ନିମନ୍ତେ କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡାଙ୍କ ନେତୃତ୍ୱରେ ରାଜନଗର ଥାନା ଅଧିକାରୀ ତପନ କୁମାର ନାୟକ,ବିଦ୍ୟୁତ ଥାନା ଅଧିକାରୀ ମହେଶ୍ୱର ସେଠୀ,ପୁରୁଣା ବସଷ୍ଟାଣ୍ଡ ଫାଣ୍ଡି ହାବିଲଦାର ନରେନ୍ଦ୍ର ନାଥ ସୋରେନ ପ୍ରମୁଖ ପୋଲିସ ଫୋର୍ସଙ୍କ ସହିତ ଉପସ୍ଥିତ ଥିଲେ ।

### କେନ୍ଦ୍ରୀୟ ଯୋଜନାରେ ଆଦର୍ଶ ସଙ୍ଘୀୟ ବ୍ୟବସ୍ଥାକୁ ଉଲଙ୍ଘନ

# ପ୍ରତିବାଦରେ ରାଜ୍ୟପାଳଙ୍କ ଉଦେଶ୍ୟରେ ବିଜେପିର ସ୍ମାରକପତ୍ର



କେନ୍ଦ୍ରାପଡା (ପିଏନ)- ରାଜ୍ୟ ସରକାର କ୍ରମାଗତ ଭାବେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାଁରେ କରି ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି । ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କାଘର ସବୁକୁ ରାଜ୍ୟ ସରକାର ବିଜୁ ପକ୍କାଘର/ମୋ ଆବାସ ଯୋଜନା ଭଳି ଯୋଜନାରେ ହେଉଛି ବୋଲି କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି । ମୋଦୀ ସରକାର ଦେଶରେ ବିଭିନ୍ନ ପ୍ରକାରର ଜନହିତକର ଯୋଜନା ଲାଗୁ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠି କେବଳ କେନ୍ଦ୍ରୀୟ ଯୋଜନାକୁ ହଡପକରି ନାଁ ବଦଳାଇ ବାହାବା ନେବାକୁ ବସିଛନ୍ତି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ଉଚ୍ଚାକାଙ୍କ୍ଷୀ ଜନକଲ୍ୟାଣକାରୀ ଯୋଜନା ଓ ଏହାଦ୍ୱାରା ଭାରତର ସମସ୍ତ ଜନସାଧାରଣଙ୍କୁ ପକ୍କାଘର ଯୋଗାଇଦେବାର ସୁଦୀର୍ଘ ପରିକଳ୍ପନା କରାଯାଇଛି । ଏହି ଯୋଜନାକୁ ଚଂଚକତା କରି କୌଣସି ରାଜ୍ୟର ସରକାର ଏହାକୁ ନିଜସ୍ୱ ଯୋଜନା ଭାବେ ଘୋଷଣା କରି ବିଭ୍ରାନ୍ତ କରାଇବା ନିଶ୍ଚିନ୍ତ ଭାବେ ଅଗଣତାନ୍ତ୍ରିକ ଏବଂ ଆଦର୍ଶ ସଙ୍ଘୀୟ ବ୍ୟବସ୍ଥାର ପରିପନ୍ଥି ଯାହା କେଭେବି ଗ୍ରହଣ ଯୋଗ୍ୟ ନୁହେଁ ବୋଲି କେନ୍ଦ୍ରାପଡା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି । ଏବେ ମୁଖ୍ୟମନ୍ତ୍ରୀ ଗ୍ରାମାଚଂଳରେ ୪ଲକ୍ଷ ପକ୍କାଘର ନିର୍ମାଣରେ ଶୁଭ ଦେବେ ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି । ସଙ୍ଘୀୟ ବ୍ୟବସ୍ଥାକୁ ଭୃକ୍ଷେପ ନକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କାଘର କହିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ ବୋଲି ବିଜେପି କହିଛି । ଏହି ଘଟଣାରେ ଶୁକ୍ରବାର ପୂର୍ବାହ୍ନରେ ବିଜେପି ପକ୍ଷରୁ କେନ୍ଦ୍ରାପଡା ବ୍ଲକ ଓ ପୌରସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ରାଜ୍ୟପାଳଙ୍କ ଉଦେଶ୍ୟରେ ବ୍ଲକରେ ବିଡିଓଙ୍କୁ ଏବଂ ପୌର ପରିଷଦରେ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିଛି । ବିଜେପିର ବରିଷ୍ଠ ନେତା ସୁନାକର ବେହେରା,ଜିଲ୍ଲା ପରିଷଦ ସଭ୍ୟ ଦେବାଶିଷ ଦାସ, ଜିଲ୍ଲା ପରିଷଦ ସଭ୍ୟା ରେଶ୍ମୀ ଚକ୍ରବର୍ତ୍ତୀ , ମନୋଜ କୁମାର ଦାସ,ଦିଲ୍ଲିପ କୁମାର ଦାଶ,ପ୍ରମୋଦ ଦାସ, ଶୁଭେନ୍ଦୁରଞ୍ଜନ ଜେନା, ମନମୋହନ ବେଉରା, ରଞ୍ଜନ କୁମାର ସାହୁ, ରତ୍ନାକର ସେଠୀ,ସରୋଜ କୁମାର ଦାସ, ଅକ୍ଷୟ କୁମାର ଆଚାର୍ଯ୍ୟ, ମନୋରଞ୍ଜନ ସାମଲ, ତନ୍ମୟ କୁମାର ରାଉତ, ଅଂଶୁମାନ ଦାସ, କାନନବାଳା ଦାସ ପ୍ରମୁଖ ବିଜେପି ଦଳର ଶତାଧିକ କାର୍ଯ୍ୟକର୍ତ୍ତା , ସଭ୍ୟ, ସଭ୍ୟା ଓ ଦଳର ସମର୍ଥକମାନେ ଅଂଶଗ୍ରହଣ କରିଥିଲେ ।

# ବିଦ୍ୟାସାଗର କ୍ଲାସେସ୍‌ର ଦଶମ ବାର୍ଷିକ ଉତ୍ସବ




ଭୁବନେଶ୍ୱର (ପିଏନ) : ବିଦ୍ୟାସାଗର କ୍ଲାସେସ୍‌ର ଦଶମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଦୀପ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ବିଧାୟକ (ମଧ୍ୟ) ଅନନ୍ତ ନାରାୟଣ ଜେନା ଯୋଗ ଦେଇ ଶୃଙ୍ଖଳାଜ୍ଞାନ, ସମୟାନୁବର୍ତ୍ତିତା ଓ ଦାୟିତ୍ୱବୋଧକୁ କାର୍ଯ୍ୟରେ ଲଗାଇ ଜଣେ ଭଲ ମଣିଷ ହୋଇ ପାରିଥାଏ ଏବଂ ଆଜିର ଅତ୍ୟାଧୁନିକ ଦୁନିଆରେ ଶିକ୍ଷାର୍ଥୀମାନେ ଶିକ୍ଷା ଆରମ୍ଭ କରିବାପାଇଁ ଯଥେଷ୍ଟ ସୁବିଧା ଓ ସୁଯୋଗ ରହିଅଛି ଯାହାର ସଦୁପଯୋଗ କରି ଜଣେ ଶିକ୍ଷାର୍ଥୀ ଦେଶର ଭବିଷ୍ୟତ ଗଠନରେ ନିଜକୁ ନିୟୋଜିତ କରିପାରିବ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନୀୟ ଅତିଥିଭାବେ, ଅତିରିକ୍ତ ଗୃହ ସଚିବ ପାର୍ଥସାରଥୀ ମିଶ୍ର ଏବଂମୁଖ୍ୟବକ୍ତା ଭାବେ ସୀତାକାନ୍ତ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଶ୍ରୀମହାପାତ୍ର କହିଥିଲେ ଏହି ଅନୁଷ୍ଠାନରୁ ଶିକ୍ଷାଲାଭ କରିଛାତ୍ରଛାତ୍ରୀମାନେ ବିଭିନ୍ନ ସରକାରୀ ଓ ପ୍ରଶାସନିକସ୍ତରରେ ସଫଳତା ହାସଲ କରିଛନ୍ତି । ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କର ସଫଳତା ପାଇଁ ଆମେ ଗୌରବାନ୍ୱିତ।ଏହି ଅବସରରେ ଅନୁଷ୍ଠାନରବିଭିନ୍ନକ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପରିଶେଷରେ ଆଶୁତୋଷ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।




# ଶିଶୁଙ୍କ ନିମୋନିଆ ରୋଗ



ନିମୋନିଆ ଲଢ଼େଇରେ ସମଗ୍ର ବିଶ୍ୱବାସୀଙ୍କୁ ଏକଜୁଟ କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ନଭେମ୍ବର ୧୨ରେ ପାଳନ କରାଯାଏ ବିଶ୍ୱ ନିମୋନିଆ ଦିବସ। ନିମୋନିଆ ଭୟାବହତାକୁ ଉଜାଗର କରିବାରେ ଏହି ଦିବସ ସହାୟକ ହୁଏ ଏବଂ ଏହି ରୋଗଠୁ ଦୂରେଇ ରହିବାର ଉଚିତ ପଦକ୍ଷେପ ଦିଗରେ ଏକାଧିକ ସଂସ୍ଥାକୁ ଉତ୍ସାହିତ କରେ। ୨୦୦୯ରେ ପ୍ରଥମେ ଏହି ଦିବସ ପାଳନ କରାଗଲା, ଯେଉଁଠି ଶିଶୁ ନିମୋନିଆ ବିରୋଧରେ ଏକ ବିଶ୍ୱସ୍ତରୀୟ ଗଠବନ୍ଧନ ମାଧ୍ୟମରେ ୧ଶହରୁ ଅଧିକ ସଂସ୍ଥା ହାତ ମିଳାଇଥିଲେ। ୫ ବର୍ଷରୁ କମ୍ ବୟସର ପିଲାଙ୍କ ପାଇଁ ନିମୋନିଆ କିପରି ବିଶ୍ୱର ଏକ ପ୍ରମୁଖ ପ୍ରାଣଘାତକ ଭାବେ ଉଭା ହୋଇଛି, ସେଥିପ୍ରତି ଏହି ଦିବସ ସଚେତନତା ସୃଷ୍ଟି କରେ। ଏଥିରୁ ସୁରକ୍ଷା, ପ୍ରତିରୋଧ ଚିକିତ୍ସା ଉପାୟକୁ ପ୍ରୋତ୍ସାହନ ଦେବା ଓ ରକ୍ଷା ପାଇବାର ଉଚିତ କାର୍ଯ୍ୟାନୁଷ୍ଠାନ ଉପରେ ମଧ୍ୟ ଏହା ଗୁରୁତ୍ୱ ଦିଏ। ନିମୋନିଆ ଏକ ସମାଧାନଯୋଗ୍ୟ ସମସ୍ୟା ହେଲେ ହେଁ ପ୍ରତି ୨୦ ସେକେଣ୍ଡରେ ଜଣେ ଶିଶୁ ଏହି ସଂକ୍ରମଣରେ ପ୍ରାଣ ହରାଉଛି। ତେଣୁ ସମସ୍ତେ ଏକଜୁଟ ଓ ସଚେତନ ହୋଇ ବିରୋଧ କଲେ ନିମୋନିଆରୁ ରକ୍ଷା ମିଳିବା କଷ୍ଟସାଧ୍ୟ ନୁହେଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାର ମୁକାବିଲା ନିମନ୍ତେ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛି। ସଚେତନତା ପାଇଁ ଏହା ଡବ୍ଲ୍ୟୁଡବ୍ଲ୍ୟୁଡବ୍ଲ୍ୟୁ ଡଟ୍ ବ୍ରେଥଇଲାଇଫ୨୦୩୦ ଡଟ ଓଆରଜି ଅଭିଯାନ ଆରମ୍ଭ କରିବ। ବାୟୁ ପ୍ରଦୂଷଣ ନିମୋନିଆର ଅନ୍ୟତମ କାରକ ହୋଇଥିବାରୁ ଏହା ମାଧ୍ୟମରେ ବାୟୁ ପ୍ରଦୂଷଣ ରୋକିବାକୁ ପ୍ରୟାସ କରାଯିବ।

ସମ୍ପ୍ରତି ନିମୋନିଆ ରୋଗ ବା ଫୁସ୍‌ଫୁସ୍ ପ୍ରଦାହ ଭୟଙ୍କର ଭାବରେ ଶିଶୁମାନଙ୍କ ପାଇଁ ବିପଦଜନକ ହୋଇପଡ଼ିଲାଣି। ଦେଖାଯାଉଛି ଆବଶ୍ୟକତାଠାରୁ କମ୍ ଓଜନର ଶିଶୁଟି ନିମୋନିଆରେ ଆକ୍ରାନ୍ତ ହୋଇପଡୁଛି। ତେବେ ନିମୋନିଆର ମୁଖ୍ୟ କାରଣ ହେଉଛି ପୁଷ୍ଟିହୀନତା, କମ୍ ପରିମାଣର ସ୍ତନ୍ୟପାନ, ଭିଟାମିନ୍-ଏର ଅଭାବ, ବାୟୁପ୍ରଦୂଷଣ, ଗହଳି ସ୍ଥାନ ସର୍ବୋପରି ଧୂମପାନ ବା କୌଣସି ନିଶାଦ୍ରବ୍ୟ ସେବନର ସାମାନ୍ୟ ସଂସ୍ପର୍ଶ ପିଲାଟି ପାଇଁ ଘାତକ ହୋଇପାରେ। ସେହିପରି ପରିବାରର ଅନ୍ୟକୌଣସି ପିଲାର ନିମୋନିଆ ହୋଇଥିଲେ ଏହା ପରିବାରର ଅନ୍ୟ ପିଲାମାନଙ୍କୁ ନିମୋନିଆର କାରଣ ହୋଇଥାଏ। ଶ୍ୱାସନଳୀ ସଂକ୍ରମଣକୁ ତର୍ଜମା କଲେ ନିମୋନିଆଟି ତିନି ପ୍ରକାରର। ପ୍ରଥମଟି ହେଉଛି ବ୍ରୋଙ୍କୋ ନିମୋନିଆ, ଦ୍ୱିତୀୟଟି ହେଉଛି ଲୋବାର ନିମୋନିଆ ଏବଂ ତୃତୀୟଟି ହେଉଛି ଇଣ୍ଟରଷ୍ଟିସିଆଲ ନିମୋନିଆ। ସ୍ୱାଭାବିକ ଭାବରେ ନିମୋନିଆକୁ ଧରିବା ବଡ଼ କଷ୍ଟକର କାର୍ଯ୍ୟ। ପ୍ରାରମ୍ଭରେ ଶିଶୁଟି ସାମାନ୍ୟ କାଶ ବା ଛିଙ୍କ ପରେ ପରେ ଜ୍ୱରର ତାପମାତ୍ରା ବୃଦ୍ଧି ହେଲେ ଏହା ନିମୋନିଆର ଲକ୍ଷଣ। ମନେରଖନ୍ତୁ ନିମୋନିଆ ହେବାମାତ୍ରେ ଶିଶୁଟିର ଶ୍ୱାସକ୍ରିୟା ବାଧାପ୍ରାପ୍ତ ହୋଇଥାଏ। ଏହି ସମୟରେ ପିଲାଟି ଜୋର୍‌ରେ ନିଶ୍ୱାସ ନେଇଥାଏ। ଏ କ୍ଷେତ୍ରରେ କାଳବିଳମ୍ବ ନକରି ଶିଶୁ ବିଶେଷଜ୍ଞଙ୍କ ପରାମର୍ଶ ଲୋଡ଼ନ୍ତୁ। ବେଳେ ବେଳେ କିଛି କ୍ଷେତ୍ରରେ ଦେଖାଯାଏ ଏହି ସମୟରେ ପିଲାଟିର ପେଟରେ ଯନ୍ତ୍ରଣା ହୋଇଥାଏ, ବାତମାରିଲା ପରି ଛଟପଟ ହୁଏ ଏବଂ କିଛି କ୍ଷେତ୍ରରେ ପିଲାଟିର ଶରୀର ନୀଳ ମଧ୍ୟ ପଡ଼ିଆସେ। ଚିକିତ୍ସାଶାସ୍ତ୍ର ଅନୁଯାୟୀ ପିଲାଟିର ଫୁସ୍‌ଫୁସ୍ ସଂକ୍ରମଣ ହେଲାମାତ୍ରେ ସ୍ୱଭାବିକ ଭାବରେ ଫୁସ୍‌ଫୁସ୍ ନିଜର କାର୍ଯ୍ୟଶୈଳୀର ଧାରାରେ ବାଧାପ୍ରାପ୍ତ ହୋଇଥାଏ। ପରବର୍ତ୍ତୀ ସମୟରେ ଏହା କଠିନ ହୋଇଯାଇ ଭୂତାଣୁ ବା ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ହୋଇପଡ଼େ। ସମ୍ପ୍ରତି ଦେଖାଯାଉଛି ନିମୋକୋକ୍ସ, ହିମୋଫିଲ୍ସ, ଇନ୍‌ଫ୍ଲୁଏଞ୍ଜି, କ୍ଲେବସିଲା, ଇ.କୋଲି, ଷ୍ଟାଫାଇଲୋକୋକସ ଇତ୍ୟାଦି ଶିଶୁର ବୟସ ଅନୁସାରେ ନିମୋନିଆର କାରଣ ସାଜିଥାଆନ୍ତି। ସମ୍ପ୍ରତି ଚିକିତ୍ସା ବିଜ୍ଞାନ ଯଥେଷ୍ଟ ଅଗ୍ରଗତି କରିଥିବାରୁ ରାଜ୍ୟସରକାର ଶିଶୁ ବିଭାଗ ପ୍ରତି ଯତ୍ନବାନ ହୋଇ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଥିବାରୁ ପିଲାମାନଙ୍କ ପାଇଁ ଆଉ ନିମୋନିଆ ଗୁରୁତର ହୋଇ ରହିନାହିଁ। ପ୍ରାଥମିକ ଭାବରେ ନିମୋନିଆକୁ ଶ୍ୱାସହାରା ମାତ୍ରାରେ ଅର୍ଥାତ୍ ପିଲାଟିର ମିନିଟ୍ ପ୍ରତି ନିଃଶ୍ୱାସ ପ୍ରଶ୍ୱାସ ନିରୂପିତ କରି ଏହାର ଚିକିତ୍ସା ଆରମ୍ଭ କରାଯାଇପାରେ। ଏହାକୁ ଚିହ୍ନଟ କରିବା ପାଇଁ ସ୍କେଟିକ୍ ସ୍କ୍ରିନ, ଛାତି ଏକ୍ସରେ ପଦ୍ଧତି ମଧ୍ୟ କେତେକ କ୍ଷେତ୍ରରେ ଗ୍ରହଣ କରାଯାଇଥାଏ। ତେବେ ପାକସ୍ଥଳୀ ଶୋଷଣରେ ଫୁସ୍‌ଫୁସରେ ଅଧିକ ଶ୍ୱେତରକ୍ତ କଣିକା ଥିବାର ପରୀକ୍ଷାରୁ ଜଣାପଡ଼ିଲେ ଶିଶୁଟି ନିଶ୍ଚିତ ଭାବରେ ନିମୋନିଆରେ ଆକ୍ରାନ୍ତ ବୋଲି ଜଣାପଡ଼ିଥାଏ। ଶିଶୁଟିର ଶ୍ୱାସକ୍ରିୟାକୁ ସାଧାରଣ ଅବସ୍ଥାକୁ ଫେରାଇ ଆଣିବା ପାଇଁ ପିଲାଟିକୁ ଦରକାର ପଡ଼ିଲେ ତୁରନ୍ତ ଅକ୍ସିଜେନ ଦିଆଯାଇଥାଏ। ଏହି ସମୟରେ ପିଲାଟିକୁ ସ୍ୱତନ୍ତ୍ର ଭାବରେ ଏକ ଉତ୍ତାପଯୁକ୍ତ ପରିବେଶରେ ରଖାଯାଇଥାଏ। ପିଲାଟିକୁ ପାଟିବାଟେ କୌଣସି ଖାଦ୍ୟ ନଦିଆଯାଇ ସାଲାଇନ୍ ମାଧ୍ୟରେ ଖାଦ୍ୟ ପ୍ରଦାନ କରାଯାଇଥାଏ। ସମ୍ପ୍ରତି ପିଲାମାନଙ୍କ ପାଇଁ ସୂଚିତ ହେଉଥିବା ଟୀକାକରଣ ସୂଚୀ ଅନୁଯାୟୀ ପିଲାଙ୍କ ନିର୍ଦ୍ଦିଷ୍ଟ ବୟସ ଅନୁପାତରେ ଟୀକା ପ୍ରଦାନ କରାଗଲେ ଏହା ନିମୋନିଆ ପାଇଁ ନିଶ୍ଚିତ ଭାବରେ ପ୍ରତିବନ୍ଧକ ହୋଇପାରିବ। ତେବେ କୌଣସି ପରିସ୍ଥିତିରେ ଅଭିଭାବକମାନେ ଭୟଭୀତ ନହୋଇ ଶିଶୁ ବିଶେଷଜ୍ଞଙ୍କ ମତ ଲୋଡ଼ିବା ବାଞ୍ଛନୀୟ।

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ,**
**ସହଯୋଗୀ ପ୍ରଫେସର, ଶିଶୁ ବିଭାଗ, ଶିଶୁଭବନ, କଟକ,**
**ଦୂରଭାଷ: ୯୪୩୭୧୨୪୦୭୪**

# ଭାରତରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ !



ଆଜିର ସମୟର କଥା ଯାହା ଜଣେ ଘରୁ ବାହାରିବା ପରେ ସୁରକ୍ଷିତ ଭାବେ ଯେ ଫେରିବ ଏହି ଗ୍ୟାରେଣ୍ଟି କେହି ବି ଦେଇପାରିବେ ନାହିଁ! ରୋଗବ୍ୟାଧି ଅପେକ୍ଷା ସଡ଼କ ଦୁର୍ଘଟଣା ବର୍ତ୍ତମାନ ସମୟର ମର୍ମନ୍ତୁଦ ପ୍ରମୁଖ ମରଣ ଯନ୍ତା। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଓ ବିଶ୍ୱ ରୋଡ଼ ସେଫ୍ଟି ଆୱାରନେସ ସଙ୍ଗଠନର ତଥ୍ୟ ଅନୁଯାୟୀ ସଡ଼କ ଦୁର୍ଘଟଣା ହେତୁ ବିଶ୍ୱରେ ପ୍ରତି ୨୩ ସେକେଣ୍ଡରେ ଜଣଙ୍କର ଜୀବନ ଯାଉଛି। ସବୁଠାରୁ ଅଭାବନୀୟ ଘଟଣା ହେଉଛି ଅଧିକାଂଶ ଶିଶୁ ଓ ଯୁବପିଢ଼ୀ ରୋଗବ୍ୟାଧି ନୁହେଁ ସଡ଼କ ଦୁର୍ଘଟଣା ପାଇଁ ଜୀବନ ହରାଉଛନ୍ତି। ଅନ୍ୟ ଦେଶ ତୁଳନାରେ ଭାରତରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ସର୍ବାଧିକ। ସମଗ୍ର ବିଶ୍ୱରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ସଂଖ୍ୟା ଅତି ଉଦ୍‌ବେଗଜନକ ଭାବେ ବୃଦ୍ଧି ପାଉଛି। ୨୦୧୩ ମସିହାରେ ୧.୨୫ ନିୟୁତ ଲୋକଙ୍କର ସଡ଼କ ଦୁର୍ଘଟଣାରେ ପ୍ରାଣହାନୀ ହୋଇଥିବାବେଳେ ୨୦୧୬ରେ ଏହି ସଂଖ୍ୟା ୧.୩୫ ନିୟୁତକୁ ବୃଦ୍ଧି ପାଇଛି। ସବୁଠାରୁ ଉଦ୍‌ବେଗଜନକ ଚିତ୍ର ହେଉଛି ସଡ଼କ ଦୁର୍ଘଟଣା ହେତୁ ଜୀବନ ହାରୁ ଥିବା ପ୍ରତି ୯ଜଣରେ ଜଣେ ଭାରତୀୟ। ସେହିପରି ୫ରୁ ୨୯ବର୍ଷ ବୟସର ବ୍ୟକ୍ତିଙ୍କ ପାଇଁ ସଡ଼କ ଦୁର୍ଘଟଣା ମୃତ୍ୟୁର ବଡ଼ କାରଣ। ଶିଶୁ ସ୍ୱାସ୍ଥ୍ୟ ଏଜେଣ୍ଡାରେ ଏହାକୁ ଅଣଦେଖା କରାଯାଉଛି ଏ ନେଇ ପରିବର୍ତ୍ତନର ଜରୁରୀ ଆବଶ୍ୟକତା ରହିଛି। ଦୁଇଚକିଆ ଯାନ ଓ ଟ୍ରକ, ବସ୍ ଗୁଡ଼ିକ ଅଧିକ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ସଡ଼କ ସୁରକ୍ଷା ନୀତିନିୟମର ସଠିକ କାର୍ଯ୍ୟକ୍ରମ ନ ହୋଇପାରିବାରୁ ଦୁର୍ଘଟଣା ବଢୁଛି। ୨୦୧୬ରେ ଭାରତରେ ସଡ଼କ ଦୁର୍ଘଟଣା ହେତୁ ୧,୫୦,୭୮୫ ମୃତ୍ୟୁ ହୋଇଛି ବୋଲି ସରକାରୀ ରିପୋର୍ଟ କହୁଥିଲେ ବି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କିନ୍ତୁ ତଥ୍ୟ ରଖିଛି ଏହି ମୃତ୍ୟୁ ସଂଖ୍ୟା ହେଉଛି ୩ଲକ୍ଷ। ମୃତ୍ୟୁ ସଂଖ୍ୟା ଠାରୁ ଆହୁରି ଦୁଃଖଦ ଚିତ୍ର ହେଉଛି ବିକଳାଙ୍ଗ ହୋଇଯାଉଥିବା ଗୁରୁତର ଆହାତଙ୍କ ସଂଖ୍ୟା। ସେମାନଙ୍କ ସଂଖ୍ୟା ୬ଲକ୍ଷରୁ ଉର୍ଦ୍ଧ୍ୱ ବୋଲି ଏହି ରିପୋର୍ଟରେ ତଥ୍ୟ ରହିଛି। ଏଭଳି ପରିସଂଖ୍ୟାନ ନିଶ୍ଚିତ ରୂପେ ଉଦ୍‌ବେଗ ସୃଷ୍ଟି କରିବା ଭଳି ତଥ୍ୟ। ପ୍ରଥମଥର ପାଇଁ ସରକାର ଦୁର୍ଘଟଣାର କାରଣ ଓ ଦୁର୍ଘଟଣାର ଶିକାର ହେଉଥିବା ଲୋକମାନଙ୍କ ପରବର୍ତ୍ତୀ ଅବସ୍ଥା ସଂପର୍କରେ ପୁଙ୍ଖାନୁପୁଙ୍ଖ ବିଶ୍ଲେଷଣ କରିଥିବା ପରି ମନେହୁଏ। ସର୍ବାଧିକ ସଡ଼କ ଦୁର୍ଘଟଣା ଘଟୁଥିବା ରାଜ୍ୟମାନଙ୍କ ତାଲିକାରେ ଉତ୍ତରପ୍ରଦେଶ, ତାମିଲନାଡୁ, ମହାରାଷ୍ଟ୍ର, କର୍ଣ୍ଣାଟକ ଓ ରାଜସ୍ଥାନ ରହିଥିବାବେଳେ ଦୁର୍ଘଟଣାପ୍ରବଣ ମେଗା ସିଟି ତାଲିକାରେ ରାଜଧାନୀ ଦିଲ୍ଲୀ ପ୍ରଥମ ସ୍ଥାନରେ ରହିଛି। ଏହା ପଛକୁ ରହିଛନ୍ତି ଭୋପାଳ ଓ ଜୟପୁର। ଏଭଳି ପରିସଂଖ୍ୟାନ ଯେତିକି ଚିନ୍ତାର ବିଷୟ ନୁହେଁ, ତା'ଠାରୁ ଅଧିକ ଉଦ୍‌ବେଗର କାରଣ ହେଉଛି ଭାରତ ଦିନକୁ ଦିନ ଏକ ଦୁର୍ଘଟଣାପ୍ରବଣ ଦେଶରେ ପରିଣତ ହେବାକୁ ଯାଉଛି। ଆଗରୁ ଏହି ସ୍ଥିତି ସାଂଘାତିକ ଅବସ୍ଥା ସୃଷ୍ଟି କରିବ ଯାହାକୁ ନିୟନ୍ତ୍ରଣ କରିବା ସରକାରଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିବ। ସଡ଼କ ଦୁର୍ଘଟଣା ପରବର୍ତ୍ତୀ ମୁମୂର୍ଷୁଙ୍କ ପାଇଁ ପ୍ରତି ମିନିଟର ଅତୀବ ଗୁରୁତ୍ୱପୂର୍ଣ୍ଣ ମୂଲ୍ୟ ରହିଛି, କିନ୍ତୁ ସରକାରୀ ହେଉ ବା ବେସରକାରୀ ଦୁର୍ଘଟଣାଗ୍ରସ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଟ୍ରଉମା କେୟାର ସେଣ୍ଟର ବା ଆବଶ୍ୟକୀୟ ଚିକିତ୍ସା ସେବା ବ୍ୟବସ୍ଥା ନାହିଁ।

ବିଦେଶରେ ପ୍ରତି ଦ୍ରୁତଗାମୀ ସଡ଼କର ୩୦-୪୦ କିଲୋମିଟର ଅବଧି ଭିତରେ ସରକାରୀ ଟ୍ରଉମା ସେଣ୍ଟର ରହିଛି। ଭାରତରେ ଯେଉଁ କେତେକ ସ୍ଥାନରେ ଏହା ବି ରହିଛି କେଉଁଠି ବିଶେଷଜ୍ଞ ନାହାଁନ୍ତି ତ କେଉଁଠି ଆବଶ୍ୟକୀୟ ଭିତ୍ତିଭୂମି ନାହିଁ। ଚିକିତ୍ସା ବିଜ୍ଞାନ ସେବା ଭିତରେ ଆମେ ଭଲ ଭାବେ ଜାଣିଛୁ ଅଧାରୁ ଉର୍ଦ୍ଧ୍ୱ ମୁମୂର୍ଷୁ ଚିକିତ୍ସା ବିଳମ୍ବ ପାଇଁ ମୃତ୍ୟୁକୁ ସାମ୍ନା କରିଥାନ୍ତି କିମ୍ବା ଜୀବନ ତମାମ ବିକଳାଙ୍ଗତାକୁ ସାମ୍ନା କରିଥାନ୍ତି। ଏ ଦିଗକୁ ଜରୁରୀ ଭାବେ ଦୃଷ୍ଟି ଦେବା କଥା। ଏବେ ବାସ୍ତବ ପୃଷ୍ଠଭୂମିକୁ ଆସିବା। ବିଶ୍ୱର ଅନ୍ୟସବୁ ଦେଶରେ ତ ପ୍ରାଚୁର୍ଯ୍ୟ ବଢୁଛି। ସେଥିସହ ସେ ଦେଶରେ ଯାନବାହାନ ଚଳାଚଳ ନିଶ୍ଚିତ ରୂପେ ବଢୁଥିବ। ସେସବୁ ଦେଶରେ ତା'ହେଲେ ଏହି ମାତ୍ରାରେ ଦୁର୍ଘଟଣା ବଢ଼ିବା କଥା। ହେଲେ ବାସ୍ତବ ଚିତ୍ର ତାହା ନୁହେଁ। କିନ୍ତୁ ଭାରତ ଏବେ ବିଶ୍ୱର ଅନ୍ୟତମ ଦୁର୍ଘଟଣାପ୍ରବଣ ରାଷ୍ଟ୍ରରେ ପରିଣତ ହୋଇଛି ଓ ଖୁବ୍ ଶୀଘ୍ର ଏହା ହୁଏତ ଏକନମ୍ବର ସ୍ଥାନ ଅଧିକାର କରିପାରେ। ପୂର୍ବବର୍ଣ୍ଣିତ ତଥ୍ୟରୁ ଜଣାପଡ଼ିଛି, ବିପଜ୍ଜନକ ବେଗରେ ଓ ଦାୟିତ୍ୱହୀନ ଭାବେ ଯାନବାହନ ଚାଳନା ଭାରତରେ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ। ଯଦି ଏହା ସତ୍ୟ ହୋଇଥାଏ, ତା'ହେଲେ ଆମକୁ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ଅଧିକାଂଶ ଦୁର୍ଘଟଣା ମାନବକୃତ। କାରଣ ନିଜର ଯାନଟିକୁ କେଉଁ ପ୍ରକାରେ ସର୍ବସାଧାରଣ ରାସ୍ତାରେ ଚଳାଇବାକୁ ପଡ଼ିବ ଓ ତାହାକୁ କିପରି ଭାବେ ନିୟନ୍ତ୍ରଣ ରଖାଯିବ ସେକଥା ହୁଏତ ପରାମର୍ଶ ଦିଆଯାଇପାରେ, କିନ୍ତୁ ତାକୁ ମାନି ଗାଡ଼ିଚାଳନା କରିବା ଦାୟିତ୍ୱ ଆମ ସମସ୍ତଙ୍କର। ବେଳେବେଳେ ଏପରି ଘଟେ ଯେ ଏହା ଏକ ସାମୁହିକ ଦାୟିତ୍ୱ ବୋଲି ଭାବି ଆମେ ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇ ଦେଇଥାଉ। ଏହା ଏକ ବିପଜ୍ଜନକ ଓ ରୁଗ୍ଣ ମାନସିକତା। ଏ ବିକୃତି ଆମକୁ ଧୀରେ ଧୀରେ ଗୋଟାପଣେ ଗ୍ରାସ କରିବାକୁ ବସିଲାଣି। ୧୯୮୦ ଦଶକରେ ଦେଶରେ ଯାନବାହନ ସଂଖ୍ୟା ଯେତିକି ଥିଲା ଏବେ ତାହା ଶହେଗୁଣ ବଢ଼ି ସାରିଲାଣି। ପ୍ରତିଦିନ ଭାରତୀୟ ସଡ଼କକୁ ପ୍ରାୟ ୧୦ ହଜାରରୁ ଅଧିକ ନୂଆ ଗାଡ଼ି ଓହ୍ଲାଏ। ସେଥିରୁ ଅର୍ଦ୍ଧାଧିକ ହେଲା ଦୁଇଚକିଆ ଯାନ। ଏକଥା ସଡ଼କ ପରିଚାଳନା ବିଶେଷଜ୍ଞମାନେ ବିଶ୍ୱବ୍ୟାପୀ ସ୍ୱୀକାର କରିଛନ୍ତି ଯେ ଯେଉଁ ସଡ଼କରେ ଅଧିକ ଦୁଇଚକିଆ ଯାନ ଚାଲେ, ସେଠାରେ ଦୁର୍ଘଟଣା ଅଧିକ ଘଟେ। ଭାରତ ଏହାର ଏକ ଜ୍ୱଳନ୍ତ ଉଦାହରଣ। ଏକଥା ସ୍ୱୀକାର୍ଯ୍ୟ ଯେ ଦେଶର ସଡ଼କଗୁଡ଼ିକର ଅବସ୍ଥା ଗୁଣାତ୍ମକ ମାନ ଢ଼େର ବୃଦ୍ଧି ପାଇଛି। କିନ୍ତୁ ଏହାର ମଧ୍ୟ ଏକ ବିପରୀତମୁଖୀ ପ୍ରଭାବ ରହିଛି। ତାହା ହେଲା ସଡ଼କ ଭଲ ହେଲେ ଯାନବାହନର ବେଗ ମାତ୍ରାଧିକ ଭାବେ ବଢ଼ିଯାଉଛି। ଏହି ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଦେଶରେ ଘଟୁଥିବା ଦୁଇଚକିଆ ଯାନ ଦୁର୍ଘଟଣାର ସିଂହଭାଗ ହେଲେ ଯୁବଚାଳକ। ମାତ୍ରାଧିକ ବେଗରେ ଗାଡ଼ି ଚାଳନା, ଟ୍ରାଫିକ ନିୟମ ସଂପର୍କରେ ସୀମିତ ଜ୍ଞାନ ଅଥବା ଏହାକୁ ଆଦୌ ନମାନିବା ଦ୍ୱାରା ଏପରି କାଣ୍ଡ ଘଟୁଛି। ସଡ଼କ ଦୁର୍ଘଟଣା ଆମ ଦେଶରେ ପ୍ରତିବର୍ଷ ପ୍ରାୟ ଅଢ଼େଇ ଲକ୍ଷ ଲୋକଙ୍କୁ ସାରା ଜୀବନ ପାଇଁ ବିକଳାଙ୍ଗ କରିଦେଉଛି। ତାହା ପୁଣି ମାସ ମାସର ମହାର୍ଘ ଚିକିତ୍ସା ପରେ। କାରଣ ଦୁର୍ଘଟଣାର ଶିକାର ହେଉଥିବା ଅଧିକାଂଶ ଗାଡ଼ି ଚାଳକଙ୍କ ମସ୍ତିଷ୍କରେ ଜୋର ଆଘାତ ଲାଗିଥାଏ। ସେଥିପାଇଁ ସେମାନଙ୍କ ଠାରେ ଅସ୍ତ୍ରୋପଚାର କିମ୍ବା ଦୀର୍ଘଦିନର ଚିକିତ୍ସା କରିବାକୁ ପଡ଼ିଥାଏ। ଏଭଳି ଗୁରୁତର ଆହତଙ୍କ ଚିକିତ୍ସା ସବୁ ସ୍ଥାନରେ ଓ ସମସ୍ତଙ୍କ ପାଇଁ ଏଯାବତ୍ ଉପଲବ୍ଧ ହୋଇପାରିନାହିଁ। ତା'ଛଡ଼ା ଆଜିକାଲି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପ୍ରାୟ ସମାନ ମାତ୍ରାରେ ଗୁରୁତର ଦୁର୍ଘଟଣା ଘଟୁଥିବା ଅଧ୍ୟୟନରୁ ଜଣାପଡ଼ିଛି। ତା' ଅର୍ଥ ଅନିୟନ୍ତ୍ରିତ ଓ କ୍ଷୀପ୍ର ଡ୍ରାଇଭିଂ ହିଁ ଏହାର ଏକମାତ୍ର କାରଣ। ବିଶେଷକରି ଦୁଇଚକିଆ ଯାନ ଓ ଟ୍ରକ ସର୍ବାଧିକ ଦୁର୍ଘଟଣାପ୍ରବଣ ଯାନ ବୋଲି ଜଣାପଡ଼ିଛି।

ସମାଜଶାସ୍ତ୍ରୀମାନଙ୍କ ଚିନ୍ତା ଯେ, ଯେହେତୁ ଦୁର୍ଘଟଣାରେ ଅଧିକାଂଶ ଯୁବବର୍ଗର ଲୋକ ଶରବ୍ୟ ହୋଇପଡୁଛନ୍ତି, ସେମାନେ ଚିକିତ୍ସା ପରେ ସୁଦ୍ଧା ସଂପୂର୍ଣ୍ଣ ଉପାର୍ଜନକ୍ଷମ ହୋଇନପାରି ପରିବାର ଓ ଆତ୍ମୀୟଙ୍କ ଉପରେ ନିର୍ଭରଶୀଳ ହେବାକୁ ବାଧ୍ୟ ହେଉଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ ମାନଙ୍କର ଆମ ଦେଶରେ ଦାୟିତ୍ୱ ରହିବା ଦରକାର ଯେ ନୂତନ ଭାବରେ ପଞ୍ଜୀକୃତ ହେଉଥିବା ଦୁଇ ଚକିଆ ଅଥବା ଚାରି ଚକିଆ ଯାନ ଚାଳକ ମାନଙ୍କର ସଠିକ ଭାବରେ ଶାରୀରିକ ଓ ମାନସିକ ପରୀକ୍ଷା ହେବା ସହ ଉପଯୁକ୍ତ ତାଲିମ ଦେଇ ସେମାନଙ୍କୁ ଲାଇସେନ୍ସ ପ୍ରଦାନ କରିବା। ଏହା ନହେଲେ ବହୁତ ଅଘଟଣମାନ ନିତିଦିନିଆ ରାସ୍ତା ଦୁର୍ଘଟଣାରେ ଆମେ ଦେଖିବାକୁ ପାଉଛୁ। ତାର ଏକ ଜ୍ୱଳନ୍ତ ଉଦାହରଣ ହେଲା ଆଜିକାଲି ରାସ୍ତା ପ୍ରସସ୍ତ ହୋଇ ଛଅଥାକିଆ ଓ ଆଠ ଥାକିଆ ରାସ୍ତା ହେଲାପରେ ବି ଗାଡ଼ି ଚାଳକ ମାନଙ୍କର କେଉଁ ଲେନ୍‌ରେ କେଉଁ ଗାଡ଼ି ଯିବାକଥା ତାହା ଧାରଣା ନାହିଁ। ଯାହାଦ୍ୱାରା ଦୁଇଚକିଆ ଗାଡ଼ି ଚାଳକମାନେ ବହୁତ ସମୟରେ ବିନା ହେଲମେଟରେ, ବିନା ସୁ ପିନ୍ଧି, ତିନିଜଣିଆ ମୋଟର ସାଇକେଲରେ ବସି ସ୍ପିଡ ଗାଡ଼ି ବା କାର ପାଇଁ ଉଦ୍ଦିଷ୍ଟ ଥିବା ଟ୍ରାକ୍‌ରେ ଯାଉଛନ୍ତି। ଯାହାଫଳରେ ସାଧାରଣତଃ ସେହିମାନେ ହିଁ ସଡ଼କ ଦୁର୍ଘଟଣାର ଶିକାର ହେଉଛନ୍ତି। ହେଲମେଟ ନଥିବାରୁ ବହୁତ ସମୟରେ ଜୀବନ ହାନି ଘଟିବାର ନଜିର ରହିଛି।

**ନାରାୟଣ ଚନ୍ଦ୍ର ବିଶ୍ୱାଳ, କଟିକଟା, ମଙ୍ଗଳପୁର, ଯାଜପୁର**

# ଭାରତ ସଂଚାର ନିଗମରେ ହିନ୍ଦୀ ପକ୍ଷ-୨୦୧୯ ଉଦ୍‌ଯାପିତ




ଭୁବନେଶ୍ୱର (ପିଏନ୍): ହିନ୍ଦୀ ଏକ ଏପରି ଭାଷା ଯାହା ଗୌରବଶାଳୀ ଭାରତୀୟ ସଂସ୍କୃତିକୁ ଆଧୁନିକ ସମୟରେ ବିଶ୍ୱ ସମ୍ମୁଖରେ ପ୍ରସ୍ତୁତ କରିବାରେ ସମର୍ଥ ହୋଇଛି । ହିନ୍ଦୀ ହେଉଛି ଏକ ଏମିତି ଭାଷା ଯେଉଁ ଭାଷା ବିଶ୍ୱର ସବୁ ଭାଷା ସହିତ ଅତି ସହଜରେ ମିଶି ସ୍ୱତନ୍ତ୍ର ଭାବରେ ମାନବର ଅଭିବ୍ୟକ୍ତିକୁ ପରିପ୍ରକାଶ କରିବାରେ ସିଦ୍ଧହସ୍ତ । ଆଜିର ସମୟରେ କଳାଠାରୁ ଆରମ୍ଭ କରି ବିଜ୍ଞାନ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ବିକାଶର ସ୍ୱର ଭାବେ ହିନ୍ଦୀ ନିଜକୁ ସ୍ଥାପିତ କରିଛି । ଆଜି ହିନ୍ଦୀ ବିକାଶର ବିଭିନ୍ନ ଚରଣ ଅତିକ୍ରମ କରି ବିଶ୍ୱର ନେତୃତ୍ୱକାରୀ ଭାଷା ଭାବେ ସାମ୍ନାକୁ ଆସିଲାଣି ଓ ସଂପୂର୍ଣ୍ଣ ଭାରତକୁ ବିଶ୍ୱ ସମ୍ମୁଖରେ ତାର ପରିଚୟ ପ୍ରଦାନ କଲାଣି ବୋଲି ହିନ୍ଦୀ ପକ୍ଷ-୨୦୧୯ର ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି କିସ୍ ଡିମ୍‌ଡ଼ି ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର କୁଳପତି ପ୍ରଫେସର ଡଃ. ହରେକୃଷ୍ଣ ଶତପଥୀ କରିଛନ୍ତି । ଉକ୍ତ ସମାରୋହରେ ଅଧକ୍ଷତା କରି ଓଡିଶା ଦୂରସଂଚାର ପରିମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଡଃ. ଉଦୟଶଙ୍କର ପଣ୍ଡା ହିନ୍ଦୀ ଭାଷାର ସର୍ବାଙ୍ଗୀନ ଉନ୍ନତି ଉପରେ ଗୁରୁତ୍ୱାରୋପ କରିଥିଲେ । ଭାଷା ଗୋଟିଏ ଚିରସ୍ରୋତା ନଦୀ ଭଳି, ଯିଏ ସବୁ ସ୍ଥାନର ବିଶେଷତାକୁ ନିଜ ମଧ୍ୟରେ ସାଉଁଟି ମଧ୍ୟ ନିଜ ପ୍ରବାହର ନିରନ୍ତରତାକୁ ବଜାୟ ରଖିଥାଏ । ହିନ୍ଦୀ ଭାଷା ଆଜି ଦେଶରେ ଭାଷାଗତ ବିଭିନ୍ନତାକୁ ଦୂର କରିବାରେ ସଫଳ ହୋଇଛି ଓ ନିଜ ରାଷ୍ଟ୍ରୀୟ ଲକ୍ଷ୍ୟ ପୂରଣ ଦିଗରେ ଦ୍ରୁତଗତିରେ ଆଗକୁ ବଢୁଛି । ସମାରୋହରେ ସମ୍ମାନିତ ଅତିଥି ଭାବରେ କେନ୍ଦ୍ରୀୟ ବିଦ୍ୟାଳୟ, ଭୁବନେଶ୍ୱରର ପ୍ରାଚାର୍ଯ୍ୟ ଶ୍ରୀ ଆର୍ତ୍ତତ୍ରାଣ ମିଶ୍ର ଏବଂ ଦୂରସଂଚାର ମହିଳା କଲ୍ୟାଣ ସଂଗଠନ, ଓଡିଶାର ସଭାପତି ଡଃ. ମନସ୍ୱିନୀ ପଣ୍ଡା ନିଜ ନିଜ ବକ୍ତବ୍ୟରେ ହିନ୍ଦୀ ଭାଷାର ଶ୍ରୀବୃଦ୍ଧି ନିମନ୍ତେ ଦେଶର ଜନତାଙ୍କୁ ଏକସ୍ୱରରେ ପ୍ରୟାସ କରିବା ପାଇଁ ଆହ୍ୱାନ କରିଥିଲେ । ଉକ୍ତ ସମାରୋହ ପ୍ରଧାନ ମହାପ୍ରବନ୍ଧକ ଶ୍ରୀ ଅଭିନ୍ନ କୁମାର ପହି ରାଜଭାଷା ହିନ୍ଦୀର ପ୍ରଚାର, ପ୍ରସାର ଓ ପ୍ରୟୋଗରେ ଭାରତ ସଂଚାର ନିଗମ ନେଇଥିବା ସ୍ୱତନ୍ତ୍ର ପଦକ୍ଷେପ ବିଷରେ ପୁଙ୍ଖାନୁପଙ୍ଖ ଆଲୋଚନା କରିବା ସହିତ ନିଜର ସ୍ୱତନ୍ତ୍ର ବିଚାର ଉପସ୍ଥାପନ କରିଥିଲେ । ସହାୟକ ନିର୍ଦ୍ଦେଶକ (ରାଜଭାଷା) ଶ୍ରୀ ନାରାୟଣ ମୁଦୁଲିଙ୍କ ପ୍ରତ୍ୟକ୍ଷ ସଂଚାଳନରେ ବିଗତ ପନ୍ଦରଦିନ ଧରି ଚାଲିଥିବା ଏହି ହିନ୍ଦୀପକ୍ଷ ସଂପାଦିତ ହୋଇଛି । ଏହି ପକ୍ଷରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାମାନଙ୍କର କୃତି ପ୍ରତିଭାଗୀମାନଙ୍କୁ ଅତିଥିଗଣ ମାନପତ୍ର, ଅଙ୍ଗବସ୍ତ୍ର ଓ ସ୍ମୃତିଚିହ୍ନ ସହ ପୁରସ୍କୃତ କରିଥିଲେ । ଏହି ଅବସରରେ ଓଡିଶା ଦୂରସଂଚାର ପରିମଣ୍ଡଳର ଗୃହ ପତ୍ରିକା 'ଉତ୍କଳ ସଂଚାର' ଅତିଥିମାନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଉକ୍ତ ସମାରୋହରେ ମହାପ୍ରବନ୍ଧକ (ମା.ସଂ/ ପ୍ରଶାସନ) ଶ୍ରୀ ପ୍ରଶାନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପ ମହାପ୍ରବନ୍ଧକ (ମା.ସଂ/ ପ୍ରଶାସନ) ଶ୍ରୀଏ.କେ. ସିଂହସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମହାପ୍ରବନ୍ଧକ ଶ୍ରୀ ମନୋଜ କୁମାର ପଟେଲ, ଶ୍ରୀ ଇନ୍ଦ୍ର ଗୋବିନ୍ଦ ସୋରେନ, ଶ୍ରୀ ଦୁଷ୍ମନ୍ତ କୁମାର ବେହେରା, ଶ୍ରୀ ସରୋଜ କୁମାର ବଳ ଶ୍ରୀ ପଦ୍ମ ଚରଣ ନାଏକ, ଶ୍ରୀ ଟି.କେ ହାଲଧର ତଥା ଶ୍ରୀ ଯୋଗେନ୍ଦ୍ରନାଥ ବେହେରା, ଅଖିଳ କୁମାର ନାୟକ, ନୃସିଂହଚରଣ ସେଠୀ, ନରସିଂହ ଚିନାରା, ନୃସିଂହ ଚରଣ ଦାସ, ବିଭୁତି ଭୂଷଣ ନାଏକ, ଉମାକାନ୍ତ ପାତ୍ର, ପ୍ରଦୀପ କୁମାର ଦାଶ, ଡ. ଜୟନ୍ତୀ ପଟ୍ଟନାୟକ, ଶ୍ରୀମତୀ ଶର୍ମିଳା ମିଶ୍ର, ଶ୍ରୀମତୀ ସେନାପତଦି ଉକ୍ତ କାର୍ଯ୍ୟକ୍ରମରେ ସକ୍ରିୟ ଯୋଗଦାନ କରିଥିଲେ ।

## ଏମକେସିଜି ମେଡିକାଲ କଲେଜ ଗ୍ରୁପ ଡି' କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ସ୍ଥଗିତ

ବ୍ରହ୍ମପୁର (ପିଏନ୍) : ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ହସ୍ପିଟାଲରେ କାର୍ଯ୍ୟରତ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କୁ ବକେୟା ଓ ବର୍ଦ୍ଧିତ ଦରମା ପ୍ରଦାନ ଦାବି କରି ଗ୍ରୁପ ଡି କର୍ମଚାରୀ ସଂଘ ପକ୍ଷରୁ ୨୬ ତାରିଖ ଗୁରୁବାର ଦିନ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବା ପାଇଁ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତାହା ଅସ୍ଥାୟୀ ଭାବେ ସ୍ଥଗିତ ରଖାଯାଇଛି । ଏ ସମ୍ପର୍କରେ ଏକ ବୈଠକ ସଂଗଠନର ଉପଦେଷ୍ଟା ତଥା ବରିଷ୍ଠ ସାମ୍ବାଦିକ ରବି ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଦିଆଯାଇଥିବା ୧୦ ଦଫା ଦାବିଗୁଡ଼ିକ ମଧ୍ୟରେ ବର୍ଦ୍ଧିତ ଦରମା ପ୍ରଦାନ ସକାଶେ ପଦକ୍ଷେପ ଗ୍ରହଣ କରାଯାଇଥିବା ଏବଂ ବକେୟା ଦରମାକୁ ତୁରନ୍ତ ପୈଠ କରାଯିବ ବୋଲି ମେଡିକାଲ କଲେଜ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ଗ୍ରୁପ ଡି କର୍ମଚାରୀମାନେ ଆନ୍ଦୋଳନରୁ ଓହରି ଯାଇଛନ୍ତି । ଏଠାରେ ଉଲ୍ଲେଖ କରାଯାଇପାରେ ଉକ୍ତ କର୍ମଚାରୀମାନେ ସ୍ୱଳ୍ପ ଦରମାରେ କାର୍ଯ୍ୟ କରୁଥିଲେ। ରାଜ୍ୟ ସରକାରଙ୍କ ନୂତନ ଓ ବର୍ଦ୍ଧିତ ପ୍ରାପ୍ୟ ପାଇବାରୁ ବଂଚିତ ରହୁଥିଲେ। ଏ ସମ୍ପର୍କରେ ସଂଘ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ, ବ୍ରହ୍ମପୁର ସାଂସଦ ଚନ୍ଦ୍ରଶେଖର ସାହୁ, ବିଧାୟକ ବିକ୍ରମକୁମାର ପଣ୍ଡା, ଏମକେସିଜି ମେଡିକାଲ କଲେଜ ହସ୍ପିଟାଲର ଡିନ୍ ତଥା ପ୍ରିନ୍ସପାଲ ରାଧାମାଧବ ତ୍ରିପାଠୀ, ସୁପରିନଟେଣ୍ଡେଣ୍ଟ ଡ଼.ଚରଣ ପଣ୍ଡା, ପ୍ରଶାସନିକ ଅଧିକାରୀ ସଚ୍ଚିଦାନନ୍ଦ ନାୟକ ଓ ଏକାଉଣ୍ଟସ୍ ଅଫିସର ଏବଂ ଗଞ୍ଜାମ ସିକ୍ୟୁରିଟିର ପରିଚାଳନା ନିର୍ଦ୍ଦେଶକ ଟୁନା ପାଣିଗ୍ରାହୀଙ୍କ ଉଦ୍ୟମ ଓ ହସ୍ତକ୍ଷେପ ଫଳରେ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସଂଗଠନର ରାଜ୍ୟ ଉପସଭାପତି ସୁକାନ୍ତ ମୁଖୀ ପ୍ରକାଶ କରିଛନ୍ତି। ଏଥିସହ ଅନ୍ୟାନ୍ୟ ଦାବିଗୁଡ଼ିକ ପର୍ଯ୍ୟାୟକ୍ରମେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଉପସଭାପତି ମୁଖୀ କହିଛନ୍ତି। ଗୁରୁବାର ସକାଳେ ସୁପରିନଟେଣ୍ଡଣ୍ଟଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶହ ଶହ ମେଡିକାଲ କର୍ମଚାରୀ ଉପସ୍ଥିତିରେ ସମାବେଶ ଅନୁଷ୍ଠିତ ହୋଇଥିଲା। ଏହି ସମାବେଶରେ ସଂଘର ସାଧାରଣ ସମ୍ପାଦକ ଲାଲୁ ମୋହନ ବେହେରା, ଚନ୍ଦ୍ର ପାତ୍ର, ପ୍ରକାଶ ବେହେରା, ରାଜୁ ଚିନ୍ନା, ରବି ନାରାୟଣ ବେହେରା, କେଶବ ନାୟକ, ଘନ ନାୟକ, ନିଳାଦ୍ରୀ ପାତ୍ର, ଆନନ୍ଦ ମିଶ୍ର, ରମେଶ ରାଓ, ଗୌରହରି ମହାପାତ୍ର, ସନାତନ ନାୟକ, ଚନ୍ଦ୍ର ପାତ୍ର, ରାମ ଗୌଡ଼, ରୀନା ରେଡ୍ଡୀ, ରଞ୍ଜିତା ପାତ୍ର, ରୀତା କୁମାରୀ ବେହେରା, ଜ୍ୟୋତ୍ସ୍ନା ତ୍ରିପାଠୀ, ନନ୍ଦିନୀ ସାମନ୍ତରା, ଏଲ. ନିରଞ୍ଜନ ଦାସ, ସନିଆ ନାୟକ, ସନ୍ୟାସୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ତରଫରୁ ସ୍ଥାନୀୟ ମନ୍ତ୍ରୀ, ସାଂସଦ, ବିଧାୟକ ଓ ପ୍ରଶାସନିକ ଅଧିକାରୀ ମାନଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି।


DISPLAY CLASSIFIED

FOR ADVERTISEMENT CONTACT
(0674) 2550751/2555116
Fax: (0674) 2550504
E-mail : paryabekhyak@sify.com
paryabekhyak@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

DKB'S CONCEPTUAL CHEMISTRY
Behind SC/ST Hostel College Campus, Bhadrak, Cell : 9337612220
A complete Chemistry point for funding fundamentals.
Contact for Coaching in +2 Science, CBSE, OJEE (E&M), AIPMT & AIEEE

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Mahaditya Publication

Gyandeep
THE CRECHE

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Phaggun Communication




# ବାଲେଶ୍ୱର ପକ୍ଷରୁ କବିବରଙ୍କ ୧୭୨ତମ ଜୟନ୍ତୀ ପାଳିତ



ବାଲେଶ୍ୱର,(ପିଏନ)-କବିବର ରାଧାନାଥ ରାୟଙ୍କ ୧୭୨ତମ ଜୟନ୍ତୀ ଏକଦା ତାଙ୍କ ବାସସ୍ଥଳ ଥିବା ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟ,ବଟେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ୬ଷ୍ଠ ବାର୍ଷିକ ଉତ୍ସବରେ ଡ.ପ୍ରହ୍ଲାଦ ଚରଣ ମହାନ୍ତି ସଭାପତିତ୍ୱ କରି ବକ୍ତବ୍ୟରେ ରାଧାନାଥଙ୍କୁ ଭାଷା,ସାହିତ୍ୟ ଓ ବର୍ଣ୍ଣନା ବିଭାରେ ଜଣେ ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟାଭାବେ ଅଭିହିତ କରିଥିଲେ । ମୁଖ୍ୟଅତିଥି ଗାଳ୍ପିକ ରବି ପଣ୍ଡା ଯୋଗଦେଇ ବାଲେଶ୍ୱର ମାଟିର ସାହିତ୍ୟପ୍ରୀତି ଓଡ଼ିଶାର ଅସ୍ମିତାର ପ୍ରତୀକ ବୋଲି ବର୍ଣ୍ଣନା କରି ରାଧାନାଥ ଓ ଫକୀରମୋହନଙ୍କ ଚିନ୍ତା ଓ ଚେତନାକୁ ସ୍କୁଲ ଓ କଲେଜ ସ୍ତରରେ ପ୍ରଚାର କରି ଆଗାମୀ ଯୁବପିଢ଼ି ସୃଷ୍ଟି କରି ଭାଷାର ସୁରକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଯୋଗଦେଇ ବିଷାଦଭରା ରାଧାନାଥଙ୍କ ଜୀବନରେ ସୃଷ୍ଟ ବହୁ କାବ୍ୟର ଆଲୋଚନା କରି ଜାତୀୟ ଚେତନାଭରା 'ମହାଯାତ୍ରା'ମହାକାବ୍ୟ ପରୋକ୍ଷରେ ଇଂରେଜମାନଙ୍କ ବିରୁଦ୍ଧରେ ଲେଖିଥିବାରୁ ତାଙ୍କୁ ଜଣେ ସ୍ୱାଧୀନତା ସଂଗ୍ରାମୀ ଭାବେ ଅଭିହିତ କରିଥିଲେ । ପରିଷଦର ସଭାପତି ସୁବାସିନୀ ଜେନା ପରିଷଦର ଉନ୍ନତି ଓ ରାଧାନାଥଙ୍କ ସୃଷ୍ଟି ସମ୍ଭାରର ପ୍ରଚାର ପାଇଁ ଉଦ୍ୟମ କରାଯିବାକୁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ପରିଷଦର ମୁଖପତ୍ର 'ସାହିତ୍ୟଭାରତୀ-୨୦୧୯' ଓ ଶୁଭେନ୍ଦୁ ରାୟଙ୍କ 'ପ୍ରକୃତି ପୂଜାରୀ କବିବର ରାଧାନାଥ' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ପରିଷଦର ସଂପାଦକ ଅଧ୍ୟାପକ କମଳାକାନ୍ତ ଦାଶ ସରକାର କବିବରଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବାରୁ ସରକାରଙ୍କୁ କୃତଜ୍ଞତା ଅର୍ପଣ କରି କବିବରଙ୍କ ଏକଦା ବାସସ୍ଥଳ ଥିବା ଏହି ପବିତ୍ର ସ୍ଥାନକୁ ଏକ ସ୍ମାରକୀପୀଠ ଭାବେ ସରକାର ଘୋଷଣା କରି ଏହାର ଉନ୍ନତି କରିବାକୁ ଦାବି କରିଥିଲେ । ଡ.ଲକ୍ଷ୍ମଣ ଚରଣ ବିଶ୍ୱାଳଙ୍କ ମଂଚ ଆହ୍ୱାନ ପରେ କଲ୍ୟାଣୀ ନନ୍ଦଙ୍କ ସହ ସୁବ୍ରତା ମହାନ୍ତି ଓ ବାସନ୍ତୀଦେ କବିବରଙ୍କ 'ଭାରତ ଗୀତିକା' ସ୍ୱାଗତ ସଂଗୀତ ଗାନ କରିଥିଲେ । ଯୁଗ୍ମ-ସଂପାଦକ ପଣ୍ଡିତ ସଂଜୟ କୁମାର ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ । ଉପ-ସଭାପତି ମନସ୍ୱିନୀ ଦେବୀ ରାଧାନାଥଙ୍କ ଅମ୍ଳାନ ସ୍ମୃତିଚାରଣକୁ କର୍ତ୍ତବ୍ୟଭାବେ ସବୁ ଓଡ଼ିଆ ଗ୍ରହଣ କରିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟତମ ଉପସଭାପତି ଇଂ. ହୃଷିକେଶ ସାହୁ ପରିଷଦର ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଶେଷରେ ପରିଷଦର କୋଷାଧ୍ୟକ୍ଷ ଡ. ଦେବେନ୍ଦ୍ର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିହନ ଚାଷୀଙ୍କ ବକେୟା ମୂଲ୍ୟ ପାଇଁ ବାଲେଶ୍ୱର ବିଧାୟକଙ୍କ ଅନୁରୋଧ କ୍ରମେ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି



ବାଲେଶ୍ୱର (ପିଏନ) : ଓଡିଶା ରାଜ୍ୟ ବିହନ ନିଗମର ବିହନ ଉତ୍ପାଦନକାରୀ କୃଷକ ମାନେ ଚାଷ କରି ରାଜ୍ୟ ବିହନ ନିଗମକୁ ଯୋଗାଇ ଥିବା ମୁଗ ଓ ବିରି ବିହନର ପ୍ରୋତ୍ସାହନ ରାଶି, ଯାହାକି କେନ୍ଦ୍ର ସରକାର ପ୍ରଦାନ କରିଥାନ୍ତି ତାହା ୨୦୧୬-୧୭ ରବି ଋତୁ ଠାରୁ ବନ୍ଦ ହୋଇଥିଲା । ପ୍ରକାଶ ଥାଉ କି ୨୦୧୬-୧୭ ରବି ଋତୁରେ ଯେଉଁ ଚାଷୀମାନେ ବିହନ ଯୋଗାଇ ଥିଲେ ସେମାନଙ୍କର ତାଲିକା କେନ୍ଦ୍ର ସରକାରଙ୍କୁ ପଠାଇବାରେ ରାଜ୍ୟ ସରକାର ବିଳମ୍ବ କରିଥିଲେ ଏବଂ ଆଗ୍ରହ ପ୍ରକାଶ କରିନ ଥିଲେ । ପରେ ଚାଷୀମାନଙ୍କର ବାରମ୍ବାର ଦାବୀ ଯୋଗୁଁ ବିଶେଷ କରି ବିହନ ନିଗମର ବାଲେଶ୍ୱର କୃଷକ ସଂଘର ସେକ୍ରେଟାରୀ ଶ୍ରୀ ରବିନାରାୟଣ ମହାପାତ୍ର ଏବଂ ଉପସଭାପତି ବସନ୍ତ ବାରିକଙ୍କ ଉଦ୍ୟମ ଯୋଗୁଁ ବାଲେଶ୍ୱର ବିଧାୟକ ଶ୍ରୀ ମଦନ ମୋହନ ଦତ୍ତ ଏହାର ସମସ୍ୟା ପାଇଁ କିଭଳି ସାରା ଓଡିଶା ପ୍ରଦେଶର ଚାଷୀମାନେ ଉପକୃତ ହେବେ, ସେଥିପାଇଁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଗତ ୨୫ ତାରିଖ ଦିନ ଚିଠି ଲେଖିବା ପରେ, ମାନନୀୟ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ତୁରନ୍ତ କେନ୍ଦ୍ର କୃଷି ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂହ ତୋମାରଙ୍କୁ ଫୋନ କରିବା ସହିତ ଚାଷୀଙ୍କ ପ୍ରାପ୍ୟ ପ୍ରଦାନ କରିବା ପାଇଁ ଚିଠି ଲେଖିଥିଲେ । ଏଥିପାଇଁ ବିହନ ଉତ୍ପାଦନକାରୀ କୃଷକ ସଂଘ ତରଫରୁ ଉଭୟ ସଦର ବିଧାୟକ ଶ୍ରୀ ମଦନ ମୋହନ ଦତ୍ତ ଏବଂ କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଧନ୍ୟବାଦ ଦେଇଥିଲେ ।

# କେନ୍ଦ୍ର ଇସ୍ପାତ ମନ୍ତ୍ରୀଙ୍କ ଗସ୍ତପୁର୍ବରୁ ଶ୍ରମିକ ସଙ୍ଗଠନଗୁଡିକର ଦାବୀ

ରାଉରକେଲା,(ପିଏନ)-ରାଉରକେଲା ଇସ୍ପାତ କାରକାନାକୁ ୧୦ମିଲିୟନ ଟନକ୍ଷମାତା ସମ୍ପନ୍ନ କରାଯାଉ ବୋଲି ସିଆଇଟିୟୁ ଜାତୀୟ ଉପସଭାପତି ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ଦାବି କରିଛନ୍ତି ।ଆସନ୍ତା କାଲି କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରାଉରକେଲା ଗସ୍ତରେ ଆସୁଥିବା ବେଳେ ସେ ବିଭିନ୍ନ ଶ୍ରମିକ ସଙ୍ଗଠନ ସହ କଥା ହେବାର କର୍ଯ୍ୟକ୍ରମ ରହିଛି ।ଏହି ଆଲୋଚନା ବେଳେ ସିଆଟିୟୁ ପକ୍ଷରୁ ମନ୍ତ୍ରୀଙ୍କ ନିକଟରେ ଏହିଦାବି କରାଯିବ ବୋଲି ସେ ସୁଚନା ଦେଇଛନ୍ତି । ତାଛଡା ଏନଜେସିଏସ ଚୁକ୍ତି ନାମା ତୁରନ୍ତ କରାଯାଇ ଶ୍ରମିକମାନଙ୍କୁ ସେମାନଙ୍କ ନ୍ୟାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରାଯାଉ,୩ଟି ଷ୍ଟିଲପ୍ଲାଂଟ ଘରୋଇକରଣକୁ ସରକାର ବନ୍ଦ କରନ୍ତୁ ଏବଂ ଏହି ସବୁ କାରଖାନାକୁ ସରକାର ନିଜ ଅର୍ଥରେ ପୁନରୋଦ୍ଧାର କରନ୍ତୁ । ଶ୍ରମିକମାନଙ୍କ ପେନସନ ଲାଗି ପୁର୍ବରୁ ଯେଉଁ ଚୁକ୍ତିନାମା କରାଯାଇଥିଲା ତାକୁ କାର୍ଯ୍ୟକାରୀ କରାଯାଉ । ବିଭାଗ ଅଧିନରେ ଥିବା ଖଣି ଗୁଡିକର ଉନ୍ନତି କରାଯିବା ସହ ଏଗୁଡିକର କ୍ୟାପାସିଟି ବଢାଯାଉ ।ଏଥିରେ ଅର୍ଥ ବିନିଯୋଗ ମଧ୍ୟ ହେଉ ।ରାଉରକେଲା ଆଇ ଜି ଏଚକୁ ମେଡିକାଲ କଲେଜ କରାଜିବା ମାମଲାରେ ସରକାର ଅଧିକ ତତ୍ପରତା ଦେଖାନ୍ତୁ ବ୍ରହ୍ମଣୀ ପୋଲ ନିର୍ମାଣ ମାମଲାରେ ସରକାର ଅଧିକରୁ ଅଧିକ ଦୃଷ୍ଟି ଦିଅନ୍ତୁ । ଆଇଜିଏଚରେ ଅଧିକରୁ ଅଧିକ ଡାକ୍ତରଙ୍କୁ ନିଯୁକ୍ତି ଦିଆଯାଉ ବୋଲି ଦାବି କରାଜିବା ସହ ଆଲୋଚନା କରାଯିବ ବୋଲି ଶ୍ରୀ ମହାନ୍ତି କହିଛନ୍ତି ।ସେହିଭଳି ଏଆଇଟିୟୁସି ଜାତୀୟ ଉପସବାପତି ପ୍ରଭାତ ମିଶ୍ର କହିଛନ୍ତି ଏନଜେସିଏସ ଚୁକ୍ତି ନାମାକରାଜିବା ସହ ଚଳିତ ବୋନସକୁ ସର୍ବନିମ୍ନ ୨୫ହଜାର ଘୋଷଣା କରାଯାଉ । ଆଇଜିଏଚର ଉନ୍ନତି କରଣ ସାଙ୍ଗକୁ ଅଧିକ କର୍ମଚାରୀ ବଢାଯାଉ । ଖାଲିଥିବା ଘରଗୁଡିକୁ ଶ୍ରମିକ ମାନଙ୍କୁ ବିକ୍ରୀ କରାଜିବା ସହ ନୁତନ ଗୃହ ନିର୍ମାଣ କରାଯାଉ । ଇସ୍ପାତ ସହରାଂଚଳକୁ ସ୍ମାର୍ଟସିଟିର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉ ଓ ଠିକା ଶ୍ରମିକ ମାନଙ୍କୁ ସବୁ ସୁବିଧା ସୁଯୋଗ ଦେବା ସହ ଶ୍ରମିକ ସଙ୍ଗଠନ ଗୁଡିକୁ ନେଇ ଏମାନଙ୍କ ସୁବିଧା ଲାଗି ଏକ କମିଟୀ ଗଠନ କରାଯାଉ ବୋଲି ଏଆଟିୟୁସି ପକ୍ଷରୁ ଦାବି ରଖାଯିବ ବୋଲି କୁହାଯାଇଛି । ଏହି ସବୁ ପ୍ରମୁଖ ଦାବି ସହ ରାଉରକେଲା ସହଜରକୁ ସେଲ ପକ୍ଷରୁ ଅଧିକରୁ ଅଧିକ ସହଯୋଗ ଲାଗି ଦାବି କରାଯିବା ସହ ଓଡିଶାରେ ୨ୟ ଇସ୍ପାତକାରଖାନା ନେଇ ଆଲୋଚନା କରାଜିବ ବୋଲି ଆର ଏମ ଏସ ନେତା ଦିଗମ୍ବର ମହାନ୍ତି କହିଛନ୍ତି । ସିଅର ସାଧାରଣ ସମ୍ପାଦକ ବିଏନ ଦାସ କହିଛନ୍ତି ଯେ, ଆର ଏସ ପିରେ ପୁଣି ନିଯୁକ୍ତିର ସେଯାଗ ସୃଷ୍ଟି କରାଯାଉ, ନିଯୁକ୍ତି କ୍ଷେତ୍ରେରେ ଡିପ୍ଲୋମା ଓ ଆଇଟିଆ ପିଲାଙ୍କଲାଗି ରହିଥିବା ସମସ୍ୟାର ସମାଧାନ କରାଯାଉ, ମରିଯାଉଥିବା ଶ୍ରମିକର ପରିବାରରୁ ଜଣକୁ ଚାକିରୀ ବ୍ୟବସ୍ଥାକୁ ପର୍ନବାର ପ୍ରଚଳନ କରାଯାଉ ଓ ପୁରୁଣା ପାଣିରେ ହେବାକୁ ଥିବା ସିମେଟ ପ୍ଲାଂଟକୁ ଆରମ୍ଭ କରାଯାଉ । ସେହିଭଳି ,ବିଏମଏସ ସମେତ କାରଖାନାରେ କାର୍ଯ୍ୟରତ ସବୁ ଶ୍ରମିକ ସଙ୍ଗଠନ ମାନେ ଏସବୁ କଥା ଉପରେ ଆଲୋଚନା କରିବେ ବୋଲି ଜଣା ପଡପିଛି । ତେବେ ମନ୍ତ୍ରୀ ମୋହଦୟ ଏମାନଙ୍କୁ କଣ ପ୍ରତିଶୃତି ଦେଉଛନ୍ତି ତାହା ସମୟହିଁ କହିବ ।

# ଗାନ୍ଧିଙ୍କ ୧୫୦ତମ ଜୟନ୍ତୀ ପାଳନ : ମନ୍ତେଇ ନଦୀର ଆଁ ଭିତରେ ସ୍ମୃତିପୀଠ ଚାରିବାଟିଆ

ଭଦ୍ରକ, (ପିଏନ)- ୧୯୨୧ ରୁ ୧୯୪୬ ମସିହା ମଧ୍ୟରେ ଜାତିର ପିତା ମହାତ୍ମା ଗାନ୍ଧି ଓଡ଼ିଶାର କଟକ, ପୁରୀ, ବାସୁଦେବପୁର, ଭଣ୍ଡାରିପୋଖରୀ, ହରେକୃଷ୍ଣପୁର, ଚନ୍ଦନପୁର, ସାକ୍ଷୀଗୋପାଳ, ଦାଣ୍ଡମୁକୁନ୍ଦପୁର, କାଜିପାଟଣା, ଭଦ୍ରକ, ଚାରିବାଟିଆ ଆଦି ବିଭିନ୍ନ ସ୍ଥାନରେ ପାଦ ପକାଇବା ସହ ରାତ୍ରୀ ରହଣି କରିଥିଲେ । ଚଳିତବର୍ଷ ପାଳନ ହେବାକୁ ଯନାଉଥିବା ମହାତ୍ମା ଗାନ୍ଧିଙ୍କ ୧୫୦ ତମ ଜନ୍ମ ଜୟନ୍ତୀ ଉତ୍ସବରେ ଏଥିପାଇଁ ସରକାରୀ ସ୍ତରରେ ବ୍ୟାପକ ଆୟୋଜନ ମଧ୍ୟ କରାଯାଉଛି । ହେଲେ ଭଦ୍ରକ ଜିଲା ଚାରିବାଟିଆ ଠାରେ ଗାନ୍ଧି ୨ ରାତି କଟାଇଥିଲେ । ତିହିଡି ଓ ଚାନ୍ଦବାଲି ବ୍ଲକ୍ର ସୀମା ଭିତରେ ଥିବା ତଥା ଐତିହାସିକ କୋଷ୍ଟ କେନାଲ ମୁହାଣ ମୁହଁରେ ଗାନ୍ଧିଜୀଙ୍କ ସ୍ମୃତି ପାଇଁ ଏବେ ସ୍ମୃତି ମନ୍ଦିର ତିଆରି ହୋଇଛି । ଏହି ସ୍ମୃତି ମନ୍ଦିର ନିକଟରେ ଥିବା ଗାଁ ଏବେ ମନ୍ତେଇ ନଦୀର ଆଁ ଭିତରେ ଲୀନ ହେବାକୁ ଯାଉଛି । ଏଥିପ୍ରତି କାହାର ଦୃଷ୍ଟି ନପଡିବା ବିଡମ୍ବନାର ବିଷୟ ହୋଇଛି ।

ଭଦ୍ରକ ଜିଲାରେ ଗାନ୍ଧିଜୀ ଅନେକ ସ୍ଥାନରେ ରହିଥିବାରୁ ସେଗୁଡିକ ଆଜି ପୂଣ୍ୟକ୍ଷେତ୍ର ପାଲଟିଛି । କିନ୍ତୁ ଏହି କ୍ଷେତ୍ରକୁ ଅଲୋଡା କରାଯାଉଛି । ୧୫୦ତମ ଗାନ୍ଧି ଜୟନ୍ତୀ ପାଳନ ଅବସରରେ ଏହି କ୍ଷେତ୍ର ଗୁଡିକ ସରକାର ଓ ନେତାମାନେ ପୁନରୁଦ୍ଧାର କରିବେ ବୋଲି ଏବେ ଲୋକଙ୍କ ମନରେ ବିରାଟ ପ୍ରଶ୍ନ ଜାଗି ଉଠିଛି । ୧୯୨୭ ମସିହା ଡିସେମ୍ବର ୧୭ ତାରିଖ ଭଦ୍ରକ ଜିଲାବାସୀଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ଏହି ବର୍ଷ ହୋଇଥିବା ଏକ ପ୍ରଳୟଙ୍କରୀ ବନ୍ୟାରେ ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶା ସ୍ୱଚକ୍ଷୁରେ ଦେଖିବା ପାଇଁ ଜାତିର ପିତା ମହାତ୍ମା ଗାନ୍ଧି ଏହି ଦିନ ସାବରମତି ଆଶ୍ରମରୁ ଚାରିବାଟିଆକୁ ଆସିଥିଲେ । ତିହିଡି ବ୍ଲକ୍ର ପୀରହାଟଠାରୁ ୮ କିମି ଦୂର ବିସ୍ତୀର୍ଣ୍ଣ ପାଟଭୂମି ମନ୍ତେଇ ନଦୀ କୂଳ ଚାରିବାଟିଆ ଘାଟ ବିଲ ମଝିରେ ଥିଲା । ମତ୍ସ୍ୟଜୀବୀମାନଙ୍କ କ୍ଷୁଦ୍ର ବସ୍ତିଟିଏ । ସ୍ୱାଧୀନତାର ଏତେ ବର୍ଷ ପରେ ବି ଏଠାରେ ଆଲୋକ ପଡିପାରିନାହିଁ । ଏଠାକାର ଅଧିକାଂଶ ଲୋକ ଗରିବ ବନ୍ୟା ଏବଂ ବାତ୍ୟା ସେମାନଙ୍କ ଚିର ସହରର ଧାମରା ମୁହାଣରେ ଜୁଆର ଉଠିଲେ ମନ୍ତେଇ ନଦୀ କୂଳ ଲଂଘେ । ପ୍ରତିବର୍ଷ ବନ୍ୟା ଆସିଲେ ସ୍ଥାନୀୟ ଅଂଚଳ ପୁରୁଖା ଲୋକ ମନେ ପକାନ୍ତି ୧୯୨୭ ଡିସେମ୍ବର ମାସରେ ସେହି ମହଳା ପ୍ରଳୟକୁ ।

ଯେଉଁଥିପାଇଁ ଗାନ୍ଧି ଆସିଥିଲେ ସେମାନଙ୍କ ଦୁଃଖ ବୁଝିବାକୁ । ସେତେବେଳେ ସ୍ଥଳପଥର ସୁବିଧା ନଥିବାରୁ ଇଂରେଜମାନେ କଲିକତା ଓ ବାଲେଶ୍ୱରରୁ ଏହି ଅଂଚଳକୁ ଜାହାଜରେ ଆସୁଥାନ୍ତି । ନିରାପଦରେ ଏହି ଅଂଚଳକୁ ଯାତାୟତ କରିବା ପାଇଁ ଇଂରେଜମାନେ ଚାରିବାଟିଆ ଘାଟରୁ ବାଲେଶ୍ୱର ଦେଇ କଲିକତାର ହଳଦିଆ ପର୍ଯ୍ୟନ୍ତ କେନାଲ ଖନନ କରିଥିଲେ । ଜୁଆର ସମୟରେ କେନାଲ ଜଳାର୍ଣ୍ଣବ ହୋଇ ଯାଇଥିଲା । ସୁଇସ୍ ଗେଟ୍ ଦ୍ୱାରା ଜଳକୁ ଅଟକା ଯାଉଥିଲା । ଆବଶ୍ୟକ ସ୍ଥଳରେ କେନାଲକୁ ଜଳ ଚଢାଯାଇ ମୋଟର ଲଞ୍ଚ ଯାତାୟତ କରୁଥିଲା । ଯାତ୍ରୀମାନେ ମଧ୍ୟ ଭଡା ଦେଇ କେନାଲରେ ମାଲ ପରିବହନ କରୁଥିଲେ ।

# ରାଉରକେଲା ସହର ଉଭୟ କେନ୍ଦ୍ର ଓ ରାଜ୍ୟ ଦ୍ୱାରା ଅବହେଳିତ-ପୁର୍ବତନ ବିଧାୟକ ପ୍ରଭାତ ମହାପାତ୍ର

ରାଉରକେଲା,(ପିଏନ)-ଏକ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରିଛନ୍ତି । ଫଳ ସ୍ୱରୁପ ରାଉରକେଲା ଉଭୟ ବିମାନ ସେବା ଠାରୁ ଆରମ୍ଭ କରି ରେଳବାଇ ଓ ରାସ୍ତା କ୍ଷେତ୍ରରେ ଅବହେଳିତ ହୋଇ ଚାଲିଛି ।ଏହି ସମସ୍ୟା ଦେଇ ସହର ବାସୀ ୨୦୦୦ମସିହା ଠାରୁ ଗତି କରୁଛନ୍ତି ।ସେ କହିଛନ୍ତି ଯେ,ରେଳବାଇ ଏଠାରୁ ୩୭ପ୍ରତିଶତ ରାଜସ୍ୱ ପାଉଥିବା ବେଳେ, ରାଜ୍ୟସରକାର ବିଭିନ୍ନ ଦିଗରୁ କୋଟୀ କୋଟୀ ଟଙ୍କା ରାଜସ୍ୱ ପାଉଛନ୍ତି ।ଝାରସୁଗୁଡାରେ ବିମାନ ସେବା ଆରମ୍ଭ ହୋଇ ଆଗକୁ ବଢିଥିବା ବେଳେ,ରାଉରକେଲା କଥା ଆଗେଇ ପାରୁନି ।ରେଳବାଇ କ୍ଷେତ୍ରରେ ବିମଳାଗଡ ତାଳଚେର ରେଳପଥ ନିର୍ମାଣ କଥା ଏକ ଅବହେଳାର ନମୁନା । ସେହି ଭଳି ସଡକ ପଥରେ ଆଜି ଗୋଟିଏ ପୋଲର ଆବଶ୍ୟକତାକୁ ସରକାର ବୁଝୁନଥିବାରୁ ଲୋକେ ନାନା ସମସ୍ୟା ଦେଇ ଗତି କରୁଛନ୍ତି । ୨ୟବ୍ରାହ୍ମଣୀ ପୋଲ ନିର୍ମାଣ ନେଇ ୫ବର୍ଷ ବିବାଦ ଲାଗିବା ପରେ ନିକଟରେ ତାହା ର କାମ ଆଗେଇଛି ।ଏହାର ସମାପ୍ତି ପାଇଁ ଅନ୍ୟୁନ୍ୟ ୩ବର୍ଷ ଲାଗିବା ।ସେ ପୋଲ ନିର୍ମାଣ ହେଲେ ରାଉରକେଲାର ୧୦ଲକ୍ଷ ଲୋକ ବିଶେଷ କିଛି ଲାଭବାନ ହେବେ ନାହିଁ ।ତେଣୁ ସହର ବାସୀଙ୍କ ଯାତାୟତ ଲାଗି ପାନପୋଷ ଠାରେ ୩ୟବ୍ରାହ୍ମଣୀ ପୋଲ ନିର୍ମାଣ କରାଯିବା ଦରକାର ବୋଲି ସେ ଦାବି କରିଛନ୍ତି ।ସେ କହିଛନ୍ତି ପୁର୍ବରୁ ୨ୟ ବ୍ରାହ୍ମଣୀ ପୋଲ ଲାଗି ଯେଉଁ ଯାଗା ସବୁ ଅଧିଗ୍ରହଣ କରାଯାଇ ପାଖା ପାଖି ୭କୋଟୀ କ୍ଷତିପୁରଣ ଦିଆଯାଇଛି ସେହି ଯାଗା ଦେଇ ୩ୟ ପୋଲ ନିର୍ମାଣ ହୋଇପାରିବ ।ଏହା ଦ୍ୱାରା ସହରବାସୀ ସିଦା ସଳଖ ରାଉରକେଲା କୁ ପ୍ରବେଶ କରିବେ । ସେମାନଙ୍କୁ ୨ୟପୋଲ ଦେଇ ବୁଲି ବୁଲି ସହରକୁ ଅସିବାକୁ ପଡିବ ନାହିଁ ।ଏହାର ନିର୍ମାଣ ଦାୟିତ୍ୱ ରାଜ୍ୟ ସରକାର ନିଅନ୍ତୁ ଓ ଦରକାର ପଡିଲେ ଡିଏମଏଫ ଫଣ୍ଡର ବିନିଯୋଗ ଏଥିରେ କରାଯାଉ ବୋଲି ସେ ପରାମର୍ଶ ଦେଇଛନ୍ତି ।ତା ଛଡା ସେ ମୁଖ୍ୟମନ୍ତ୍ରୀଙ୍କୁ ମନେ ପକାଇଦେଇ କହିଛନ୍ତି ଯେ,ଯେତେବେଳେ କେନ୍ଦ୍ର ସରକାର ୨ୟ ପୋଲ ନିର୍ମାଣ ଲାଗି ବିଳମ୍ବ କଲେ ଓ ଏହାକୁ ନେଇ ଆନ୍ଦୋଳନ ତେଜିଲା ସେତେ ବେଳେ ମୁଖ୍ୟ ମନ୍ତ୍ରୀ କହିଥିଲେ, କେନ୍ଦ୍ର କରିବ ଯଦି କରୁ ନଚେତ ରାଜ୍ୟ କରିବ । ସେଥିରେ ସ୍ୱର ମିଶାଇଥିଲେ ରାଉରକେଲା ର ବର୍ତମାନର ବିଧାୟକ ସାରଦା ବାବୁ । ତେଣୁ ସାରଦା ବାବୁ ଏନେଇ ଆଗେଇବା ସହ ଲୋକଙ୍କର ଏହି ସମସ୍ୟାର ସମାଧାନ ଲାଗି ୩ୟ ପୋଲ ନିର୍ମଣ ନେଇ ଆଗେଇବାକୁ ସେ ଆହ୍ୱାନ ଦେଇଛନ୍ତି ।ଏହି ସମସ୍ୟାର ସମାଧାନ ଲାଗି ସେ ସବୁ ପ୍ରକାର ଅନ୍ଦୋଳନ କୁ ଯୁବେ ବୋଲି କହିବା ସହ ଆଗାମୀ ୨ତାରୀଖ ଗାନ୍ଧି ଜୟନ୍ତୀ ଦିନ ପାନପୋଷ ଠାରେ ୧୨ଘଂଟିଆ ଅନଶନରେ ବସିବେ ବୋଲି କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ କଂଗ୍ରେସ ସଂପାଦକ ରଶ୍ମି ରଂଜନ ପାଢୀ,ଜିଲ୍ଲା ସବାପତି ରବି ରାୟ ପ୍ରମୁଖ ଉପସ୍ଥିତ ଥିଲେ ।

# ରକ୍ତଦାନ ସଚେତନତା ପାଇଁ ରାଲି

ମାଲକାନଗିରି,(ପିଏନ)-- ସ୍ଥାନୀୟ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଯୁବ ରେଡ଼କ୍ରସ ତରଫରୁ ଏକ ରକ୍ତଦାନ ସଚେତନତା ରାଲିର ଆୟୋଜନ କରାଯାଇଥିଲା । ଏହି ରାଲିର ଉଦଘାଟନ ମାଲକାନଗିରି ଆଦର୍ଶ ପୋଲିସ ଷ୍ଟେସନର ଅଧିକାରୀ ରାମ ପ୍ରସାଦ ନାଗ କରିଥିବା ବେଳେ ରାଲିରେ ଉଦଘାଟନରେ ଉପସ୍ଥିତ ଥିଲେ ମାଲକାନଗିରିର ବରିଷ୍ଠ ଆଡ଼ଭୋକେଟ ଗୋବିନ୍ଦ ପାତ୍ର, ମାଲକାନଗିରି ଏଚ.ଡି.ଏଫ.ସି ବ୍ୟାଙ୍କର ଅପରେସନାଲ ମ୍ୟାନେଜର ଗୋବିନ୍ଦ ରବି କୁମାର, ମାଲକାନଗିରି ଜିଲ୍ଲା ଯୁବ ରେଡ଼କ୍ରସର ଆବାହକ ସମ୍ପାଦକ ଡଃ. ରଂଜନ କୁମାର ସ୍ୱାଇଁ, ବିଦ୍ୟାଳୟର ଅଧ୍ୟକ୍ଷ ଚନ୍ଦନ ମିଶ୍ର ପ୍ରମୁଖ । ଏହି ରାଲି ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଆରମ୍ଭ ହୋଇ ବାଲିମେଳା ଛକ ଅତିକ୍ରମ କରି ଡି.ଏନ.କେ. ଛକ ପର୍ଯ୍ୟନ୍ତ ଯାତ୍ରା କରିଥିଲା । ଏଥିରେ ଛାତ୍ରଛାତ୍ରୀମାନେ ରକ୍ତଦାନ ସମ୍ପର୍କିତ ସ୍ଲୋଗାନ ଦେବା ସହ ଆଖପାଖ ଦୋକାନ, ବ୍ୟବସାୟୀ ଏବଂ ସାଧାରର ଜନତାଙ୍କୁ ରକ୍ତଦାନ ପାଇଁ ଅନୁରୋଧ କରିଥିଲେ । ଆସନ୍ତା ୧.୧୦.୧୯ରିଖ ଦିନ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ପାଳନ ଅବସରରେ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ହେବାକୁ ଥିବା ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ଯୋଗଦେବା ପାଇଁ ୧୮୦ ଜଣଙ୍କ ଠାରୁ ସହମତି ହାସଲ କରିବାରେ ଛାତ୍ରଛାତ୍ରୀମାନେ ସକ୍ଷମ ହୋଇଛନ୍ତି । ଛାତ୍ରଛାତ୍ରୀମାନେ ସମସ୍ତଙ୍କୁ ଏହି ଦିନ ରକ୍ତଦାନ କରିବାକୁ ଅନୁରୋଧ କରିଥିଲେ । ରାଲି ଆୟୋଜନରେ ବିଦ୍ୟାଳୟର ଡଃ. କ୍ଷୀରୋଦ ଚନ୍ଦ୍ର ନାଏକ, ରତ୍ନାକର ମିଶ୍ର, ନେଶ ଶବର, ଭାସ୍କର ସାହୁ, ଜ୍ଞାନେନ୍ଦ୍ର ତ୍ରିପାଠୀ, କିଙ୍କର ନାଏକ, ସୂର୍ଯ୍ୟ ନାରାୟଣ ଗୌଡ଼, ସମୀର କୁମାର ଡାକୁଆ ଏବଂ ଲକ୍ଷ୍ମୀଧର ମାଟିଆ ସହଯୋଗ କରିଥିଲେ । ସମସ୍ତ କାର୍ଯ୍ୟକ୍ରମର ପରିଚାଳନା ବିଦ୍ୟାଳୟର ଯୁବ ରେଡ଼କ୍ରସ ପରାମର୍ଶଦାତା ଡ. ଆଶିଷ ରାଠୋରଙ୍କ ଦ୍ୱାରା କରାଯାଇଥିଲା ।

# ତୁଳସୀଚଉରା ମାୟାପୁରୀ ଓ ପାଲବଣି ଇମାଜିନାରୀ ମଣ୍ଡପ ମୁଖ୍ୟ ଆକର୍ଷଣ ସାଜିବ

ବାରିପଦା, (ପିଏନ୍)-ଧରା ପୃଷ୍ଠକୁ ଅବତରଣ କରିବେ ଜଗତ୍ ଜନନୀ ଦୁର୍ଗତି ନାସିନୀ କଲ୍ୟାଣମୟୀ ମା' ଦୁର୍ଗା । ଶରତ ଋତୁ ତଥା ଓଡ଼ିଆ କ୍ୟାଲେଣ୍ଡରରେ ପାର୍ବଣର ମାସ ଆଶ୍ୱିନରେ ଶାରଦୀୟ ଦୁର୍ଗାପୂଜା ପାଳିତ ହୋଇଆସୁଛି । ବିଶ୍ୱ ଧାତ୍ରୀମା' ଦୁର୍ଗା ଶକ୍ତି ରୂପିଣି, ସେ ମଧ୍ୟ ଜଗଦମ୍ବା, ସିଂହ ବାହିନୀ ଓ ମହିଷ ମର୍ଦ୍ଦିନୀ । ବିଭିନ୍ନ ପୁରାଣରେ ଶକ୍ତି ପୀଠଗୁଡ଼ିକର ସଂଖ୍ୟା ଭିନ୍ନଭିନ୍ନ ହୋଇଥିଲେ ମଧ୍ୟ ପୀଠମାନଙ୍କରେ ଷୋଳ ଦିବସୀୟ ପୂଜାର୍ଚ୍ଚନା ସହିତ ଷୋଡ଼ଶ ଉପଚାର ହୋଇଥାଏ । ଏହି ସମସ୍ତ ପୀଠରେ ମା' ଦ୍ୱିଭୂଜା, ବିରଜା, ଚର୍ତୁଭୂଜା, ବିମଳା, ବନଦୁର୍ଗା ଭାବେ ନବରାତ୍ର ଧରି ପୂଜା ପାଉଥିବା ବେଳେ କେଉଁଠାରେ ୮ ଦିନ, ୪ ଦିନ ଓ ୩ ଦିନ ଧରି ପୂଜା ପାଇଥାନ୍ତି । ଚଳିତ ବର୍ଷ ମାଦୁର୍ଗା ଧରାପୃଷ୍ଠରେ ଅବତରଣ ହେବାକୁ ଯାଉଛନ୍ତି । ମା'ଙ୍କ ସପ୍ତମୀ ପୂଜା ଆସନ୍ତା ଅକ୍ଟୋବର ୫ ତାରିଖ ଶନିବାର ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏଥି ନିମନ୍ତେ ମୟୂରଭଞ୍ଜ ଜିଲ୍ଲାର ସଦର ମହକୁମା ବାରିପଦାଠାରେ ବିଭିନ୍ନ ପୂଜା କମିଟି, ଭକ୍ତ ଓ ପୌରବାସୀଙ୍କ ପକ୍ଷରୁ ଅବଗଣନା ଆରମ୍ଭ ହୋଇଯାଇଛି ।

ବାରିପଦା ସହରରେ ସାର୍ବଜନୀନ ଦୁର୍ଗାପୂଜା ପେଣ୍ଡେଲ ଓ ମଣ୍ଡପଗୁଡ଼ିକରେ ସାଧାରଣତଃ ପୂଜା ପାଇଥାନ୍ତି ମୃଣ୍ମୟୀ ଦେବୀ ଦଶଭୂଜା ଓ ସିଂହବାହିନୀ 'ମା ଦୁର୍ଗା' । ମାଟିରେ ନିର୍ମିତ ହୋଇ ମହିଷାସୁରକୁ ବଧ କରୁଥିବା ଦେବୀ ଦୁର୍ଗାଙ୍କ ମୂର୍ତ୍ତି । ପୂଜା ସମାପ୍ତ ହେବା ପରେ କେଉଁଠି ଦଶହରା ଦିନ ଏହି ଦୁର୍ଗା ମୂର୍ତ୍ତିଙ୍କ ଜଳ ବିସର୍ଜନ କରାଯାଇଥାଏ, ପୁଣି କେଉଁଠି ଦଶହରାର ପରବର୍ତ୍ତି ଦିନରେ ବିସର୍ଜନ କରାଯାଇଥାଏ ।

ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମହାରାଜାଙ୍କ ଶାସନ ସମୟରେ ରାଜବାଟୀ ମଧ୍ୟରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଥିଲା । ମା'ଙ୍କୁ ଦର୍ଶନ ସହିତ ଭକ୍ତି ନୈବେଦ୍ୟ ଅର୍ପଣ ନିମନ୍ତେ ପ୍ରଜାମାନଙ୍କୁ ଦୀର୍ଘ ସମୟ ଧାଡ଼ିବାନ୍ଧି ଅପେକ୍ଷା କରିବାକୁ ପଡୁଥିଲା । କିଛି ବଙ୍ଗାଳୀ ଭାଇ ମହାରାଜାଙ୍କ ନିକଟରୁ ଅନୁମତି ନେଇ ୧୯୩୪ରେ ଗୋପବନ୍ଧୁ ଭବନ ସମ୍ମୁଖ ସହିଦ ପଡ଼ିଆଠାରେ ପଶ୍ଚିମବଙ୍ଗ ରାଜ୍ୟର କୁମାରଟୁଲିରୁ ମୂର୍ତ୍ତି ଆଣି ଆରମ୍ଭ କରିଥିଲେ ସର୍ବ ପ୍ରଥମ ସାର୍ବଜନୀନ ଦୁର୍ଗାପୂଜା । ଚଳିତ ବର୍ଷ ଏହି ସହିଦ ପଡ଼ିଆ ଦୁର୍ଗାପୂଜା ୮୬ ବର୍ଷରେ ପାଦ ଥାପିଛି । ସେହିପରି ଦ୍ୱିତୀୟ ସାର୍ବଜନୀନ ଦୁର୍ଗାପୂଜା ଭାବେ ୧୯୫୭ରୁ ବାରିପଦା ଟାଉନ ଥାନା ସମ୍ମୁଖରେ ଆରମ୍ଭ ହୋଇ ୬୩ ବର୍ଷରେ ପହଁଚିଛି । ସେହିପରି ଷ୍ଟେସନ ବଜାର ୧୯୫୮ ରୁ ଆରମ୍ଭ ହୋଇ ୬୨ ବର୍ଷରେ, ଫେଜାର ହଷ୍ଟେଲ ଯୁବକସଂଘ ପକ୍ଷରୁ ଆୟୋଜିତ ଦୁର୍ଗାପୂଜା ୫୮ ବର୍ଷରେ, ପୌର କର୍ମଚାରୀମାନଙ୍କ ପକ୍ଷରୁ ପୌରପରିଷଦ ପରିସରରେ ପୂଜା ୫୪ ବର୍ଷରେ, ଜିଲା କୋଷାଗାର ସମ୍ମୁଖ ପୂଜାମଣ୍ଡପ ୪୨ ବର୍ଷ, ମୁର୍ଗାବାଡ଼ି ଗୋଲେଇ ୩୮ ବର୍ଷରେ, ସୁନାମୁହିଁ ୩୭ ବର୍ଷରେ, ତୁଳସୀଚୌରା ଓ ପାଲବଣିଗୋଲେଇ ୩୫ ବର୍ଷରେ, ତେନ୍ତୁଳିଡିଙ୍ଗା ୩୪ ବର୍ଷରେ, କୃଷ୍ଣ ଚନ୍ଦ୍ର ଗୋଲେଇ ଓ ଦାରୋଗାଡାହି ଗୋଲେଇ ୩୩ ବର୍ଷରେ, ଭଞ୍ଜପୁର ୩୨ ବର୍ଷରେ, କମଳା ନେହେରୁ ବାଳିକା ବିଦ୍ୟାଳୟ ନିକଟ ୩୦ ବର୍ଷରେ, ଲାଲବଜାର ଛକ ୨୫ ବର୍ଷରେ ପଦାର୍ପଣ କରିଛି । ଲାଲବଜାର ପୂଜାକମିଟି ପକ୍ଷରୁ ମା ଦୁର୍ଗାଙ୍କ ପ୍ରତିମୂର୍ତ୍ତିରେ ୨ ମହଣରୁ ଅଧିକ ଚାନ୍ଦି ବ୍ୟବହାର କରାଯାଇଥାଏ । ତକତପୁର ଓ ମଧୁବନ ପୂଜା ମଣ୍ଡପ ୨୧ ବର୍ଷ ପଦାର୍ପଣ କରିଥିବା ବେଳେ ମଧୁବନ ବାରୁଣୀରୋଡ଼ର ସାର୍ବଜନୀନ ଦୁର୍ଗାପୂଜାକୁ ୧୦ ବର୍ଷ , ଜିଲ୍ଲାମୁଖ୍ୟ ପ୍ରାଣୀ ଚିକିତ୍ସା କେନ୍ଦ୍ର ତଥା ଗାନ୍ଧୀ ମାର୍କେଟର ଚାପଲ ପୋଖରୀ ହୁଡ଼ାରେ ମହାବୀର ହନୁମାନଙ୍କର ପୂଜା ୨୫ ବର୍ଷରେ , ବଡ଼ବଜାର କଲେଜ ଛକ ଓ ଅମ୍ବିକା ମନ୍ଦିର ସାହିର ତିନି କୋଣିଆ ଦୋଳି ପଡ଼ିଆଠାରେ ଯଥାକ୍ରମେ ୪୩ ଓ ୨୪ ବର୍ଷ ଧରି ହରପାର୍ବତୀ ପୂଜା ପାଇ ଆସୁଥିବା ବେଳେ ବଡ଼ବଜାର ଶୀତଳା ମନ୍ଦିର ସମ୍ମୁଖରେ ୩୫ ବର୍ଷ ଧରି ବନଦୁର୍ଗା ପୂଜା ପାଉଛନ୍ତି । ପୂଜା ବଜାରରେ ସହର ତଥା ଆଖପାଖ ଅଂଚଳର ଜନସାଧାରଣଙ୍କ ମୁଖ୍ୟ

**ବାରିପଦା ଦୁର୍ଗାପୂଜା**

ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଥାଏ ତୁଳସୀଚୌରା ଓ ପାଲବଣି ପୂଜା ମଣ୍ଡପ । ଏହି ଦୁଇ ପୂଜା କମିଟି ପକ୍ଷରୁ ପ୍ରତ୍ୟେକ ବର୍ଷ ଭିନ୍ନଭିନ୍ନ ଆକୃତିର ପେଣ୍ଡେଲ ଓ ତୋରଣ ନିର୍ମାଣ କରାଯାଇ ଭକ୍ତ ତଥା ଦର୍ଶକମାନଙ୍କ ଦ୍ୱାରା ଉଚ୍ଛର୍ସିତ ଭାବେ ପ୍ରସଂଶିତ ହୋଇ ଆସୁଛି । ତୁଳସୀଚୌରା ପୂଜା କମିଟି ପକ୍ଷରୁ ଚଳିତ ବର୍ଷ ମାୟାପୁରୀର ଭ୍ରମ ସୃଷ୍ଟି କରିପାରିବା ଭଳି ମଣ୍ଡପର ନିର୍ମାଣ କାର୍ଯ୍ୟ ହାତକୁ ନେଇଛନ୍ତି ଓ ନିର୍ମାଣ ଦାୟିତ୍ୱ ପଶ୍ଚିମବଙ୍ଗ ରାଜ୍ୟ ୨୪ ପ୍ରଗଣା ଅଂଚଳର ଚନ୍ଦନ ମଣ୍ଡଳ ଗ୍ରହଣ କରିଥିବା ସମୟରେ ମଣ୍ଡପର ଶୋଭା ରାଜିକୁ ଜୀବନ୍ତ କରି ଦର୍ଶକମାନଙ୍କ ସମ୍ମୁଖରେ ଉପସ୍ଥାପନ କରାଇବା କ୍ଷେତ୍ରରେ ମା କାଳୀ ଟେଂଟ ହାଉସର ୫୦ରୁ ଅଧିକ କାରିଗର ଏକ ମାସ ହେବ ଦିନରାତି ଉଦ୍ୟମ ଚଳାଇଛନ୍ତି । ଉକ୍ତ ପୂଜା ମଣ୍ଡପ ନିର୍ମାଣରେ କେବଳ ବାଉଁଶ, କାଠର ବଟନ, ପ୍ଲାଇ, ସନପେଗ ଓ କପଡ଼ା ଆଦିକୁ ବ୍ୟବହାର କରାଯାଉଛି । ମା'ଙ୍କ ଆରାଧନା ନିମନ୍ତେ ପ୍ରାୟ ୩୫ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବେଳେ ପ୍ରତିମୂର୍ତ୍ତି ସୁନାର ଅଳଙ୍କାରରେ ଝଟକିବାକୁ ଯାଉଛନ୍ତି । ଏହି ମେଳା ଅକ୍ଟୋବର ୧୬ ପର୍ଯ୍ୟନ୍ତ ଚାଲୁରହିବ । ତୁଳସୀଚୌରା ପୂଜା କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ ଓ ସମ୍ପାଦକ ବାସୁଦେବ ପ୍ରଧାନଙ୍କ ନେତୃତ୍ୱରେ ଏକ କାର୍ଯ୍ୟାଳୟ ଖୋଲା ଯାଇ ସଦସ୍ୟମାନେ ନିର୍ମାଣ କାର୍ଯ୍ୟକୁ ତଦାରଖ କରୁଛନ୍ତି ।

ସେହିପରି ସଭାପତି କିଶୋର ଦାସପଟ୍ଟନାୟକ ଓ ସମ୍ପାଦକ କୁମାରେନ୍ଦ୍ର ଟୁଡୁଙ୍କ ନେତୃତ୍ୱରେ ପରିଚାଳିତ ପାଲବଣି ପୂଜା କମିଟି ପକ୍ଷରୁ ଇମାଜିନାରୀ ମଣ୍ଡପ ନିର୍ମାଣ କରାଯାଉଛି । ପଶ୍ଚିମବଙ୍ଗ ରାଜ୍ୟ ପଟାସପୁର ଥାନା ଅନ୍ତର୍ଗତ ଗଙ୍ଗାସାଗର ଅଂଚଳ ତପନ ବେରା ମଣ୍ଡପର ନିର୍ମାଣ ଦାୟିତ୍ୱ ହାତକୁ ନେଇଛନ୍ତି ଓ ମଣ୍ଡପ ନିର୍ମାଣରେ ଦିନରାତି ସିଫଟ ଅନୁସାରେ ୩୦ରୁ ୩୫ କାରୀଗର ୪୫ ଦିନ ଧରି କାର୍ଯ୍ୟ କରୁଛନ୍ତି । ମହଙ୍ଗା ବଜାର ଅବସ୍ଥାକୁ ନଜରକୁ ନେଇ ପୂଜାକମିଟି ପକ୍ଷରୁ ଚଳିତ ବର୍ଷ ପ୍ରାୟ ୧୭ ଲକ୍ଷ ଟଙ୍କାରୁ ଅଧିକ ବ୍ୟୟ ଅଟକଳ କରାଯାଇଛି । ସେହିପରି ମା'ଙ୍କ ପ୍ରତିମୂର୍ତ୍ତିକୁ ଜୀବନ୍ତ କରି ଗଢ଼ିତୋଳିବା ନିମନ୍ତେ ବାରିପଦା ସହରର ଅକ୍ଷୟ କୁମାର ବାରିକ ଓ ତାଙ୍କ ସହଯୋଗୀମାନେ ଉଦ୍ୟମ ଚଳାଇଥିବା ବେଳେ ମୂର୍ତ୍ତି ଗୁଡ଼ିକୁ ରୁପା ଅଳଙ୍କାରରେ ସୁସଜ୍ଜିତ କରାଯିବ । ଭକ୍ତ ତଥା ଦର୍ଶକମାନେ ସୁବିଧାରେ ମାଆଙ୍କୁ ଦର୍ଶନ ଏବଂ ଶାନ୍ତିଶୃଙ୍ଖଳା ରକ୍ଷାକରିବା ନିମନ୍ତେ କମିଟି ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଛି । ପୂଜା ମଣ୍ଡପ ନିର୍ମାଣ ଉପରେ ଯେପରି ଗୁରୁତ୍ୱ ଦିଆଯାଇଛି ଠିକ୍ ସେହିପରି ଆଲୋକ ସଜ୍ଜା ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଛି । ମଣ୍ଡପର ସୌନ୍ଦର୍ଯ୍ୟକୁ ଅଧିକ ଋଦ୍ଧିମନ୍ତ କରି ଗଢ଼ିତୋଳିବା ପାଇଁ ରଙ୍ଗବେରଙ୍ଗ ବୈଦ୍ୟୁତିକ ସାଜସଜ୍ଜାକୁ କମିଟି ପ୍ରାଧାନ୍ୟ ଦେଇଛି ବୋଲି ସମ୍ପାଦକ ଶ୍ରୀ ଟୁଡୁ କହିଛନ୍ତି ।

ଏହାବ୍ୟତୀତ ଅନ୍ୟତମ ଆକର୍ଷଣ ହେଉଛି ମଧୁବନ ପୂଜାକମିଟି ପକ୍ଷରୁ ଦଶହରା ଅବସରରେ ରାବଣ ପୋଡ଼ି । ଅତ୍ୟାଧୁନିକ ଆତସବାଜିର ସମ୍ଭାରରେ ଆକାଶ ଝଲମଲ ହୋଇ ଉଠେ । ଅନ୍ଧକାରର ବୁକୁଚିରି ଆତସବାଜିର ରଙ୍ଗବେରଙ୍ଗ ଆଲୋକମାଳାର ଦୃଶ୍ୟ ଆକାଶରେ କାହିଁ କେତେ ଦୂର ଦୃଶ୍ୟମାନ ହୋଇଥାଏ । ଲକ୍ଷାଧିକ ଦର୍ଶକମାନଙ୍କ ଗହଣରେ ମଧୁବନ ରାବଣପୋଡ଼ି ଆୟୋଜନ ହୋଇଥାଏ । ଏଥିସହିତ ଅନ୍ୟତମ ଆକର୍ଷଣ ପାଲଟିଥାଏ ତେନ୍ତୁଳିଡ଼ିଙ୍ଗା ନିଆରା ପୂଜା ମଣ୍ଡପ । ଏହା ଏକ ଆଦର୍ଶ ପୂଜା ମଣ୍ଡପ ଭାବେ କେବଳ ଓଡ଼ିଶା ନୁହେଁ ପୃଥିବୀରେ ଉଦାହରଣ ପାଲଟି ଯାଇଛି । ପୃଥିବୀରେ ସାମ୍ପ୍ରଦାୟିକ ବିଦ୍ୱେଶ କାରଣରୁ ହିଂସା ଓ ଅସହିଷ୍ଣୁତା ବୃଦ୍ଧି ପାଉଥିବା ବେଳେ ତେନ୍ତୁଳିଡିଙ୍ଗା ପୂଜା ମଣ୍ଡପରେ ଭାଇଚାରା, ବନ୍ଧୁତ୍ୱ ଓ ପ୍ରେମର ଗଭୀର ନିଦର୍ଶନ ଦେଖିବାକୁ ମିଳେ । କୋହିନୂର ଇସଲାମ ନାମକ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତିଙ୍କ ନେତୃତ୍ୱରେ ତେନ୍ତୁଳିଡ଼ିଙ୍ଗାଠାରେ ମା ଦୁର୍ଗା ୩୪ ବର୍ଷ ଧରି ପୂଜା ପାଇ ଆସୁଛନ୍ତି । ଏହି ପୂଜା ମଣ୍ଡପ କେବଳ ମୟୂରଭଞ୍ଜ ନୁହେଁ ପୃଥିବୀବାସୀଙ୍କୁ ଶାନ୍ତି, ମୈତ୍ରୀ ଓ ପ୍ରଗତିର ବାର୍ତ୍ତା ବାଂଟି ଚାଲିଛି । ଏହା ବ୍ୟତୀତ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜା କୃଷ୍ଣଚନ୍ଦ୍ର ଭଞ୍ଜଙ୍କ ରାଜତ୍ୱ ସମୟରୁ ରାଜ ପ୍ରାସାଦ ସଂଲଗ୍ନ କିଚକେଶ୍ୱରୀ ମନ୍ଦିର ସମ୍ମୁଖ ଦେବୀମାଲା ମଣ୍ଡପରେ ଆରମ୍ଭ ହୋଇଥିବା ମା ଦୁର୍ଗାଙ୍କ ପୂଜା ବାବୁସାହି କିଚକେଶ୍ୱରୀ ମନ୍ଦିର ଫାଟକ ନିକଟରେ ସ୍ଥାନୀୟ କେତେକ ପରିବାର ପକ୍ଷରୁ ଆୟୋଜିତ ହୋଇ ଆସୁଛି ।

ଚଳିତ ବର୍ଷ ଦୁର୍ଗାପୂଜାକୁ ଧୂମ୍ ଧାମ୍ ରେ ପାଳନ କରାଯିବା ନିମନ୍ତେ ସମସ୍ତ ପୂଜା କମିଟି ପକ୍ଷରୁ ଯୁଦ୍ଧକାଳୀନ ଭିତିରେ ପ୍ରସ୍ତୁତି ଚାଲିଥିବା ବେଳେ ବାରିପଦା ପୌରବାସୀ ମଧ୍ୟ ପର୍ବ ପାଳନ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରି ଦେଇଛନ୍ତି । ବଜାରର ଗହଣା, ଲୁଗା ଦୋକାନ ସହିତ ବିଭିନ୍ନ ଗୃହ ଉପକରଣ ଦୋକାନଗୁଡ଼ିକରେ ଭିଡ଼ ଆସ୍ତେ ଆସ୍ତେ ଜମିବାରେ ଲାଗିଛି । ପ୍ରତ୍ୟେକଙ୍କ ପରିବାରରେ ପୂଜାକୁ ନୂଆ ଉତ୍ସାହ ଓ ଉଦ୍ଦୀପନାର ସହିତ ପାଳନ କରିବା ନେଇ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇ ଯାଇଥିବାବେଳେ ଗତ ୨୦୧୩ ଅକ୍ଟୋବର ୧୨ ଦୁର୍ଗାପୂଜା ସମୟରେ ପ୍ରାକୃତିକ ବିପର୍ଯ୍ୟୟ(ଫାଇଲିନ ମହାବାତ୍ୟା)ର କରୁଣ ଦୃଶ୍ୟକୁ ମଧ୍ୟ ସ୍ମରଣ କରାଇ ଦେଉଛି । ।

